## ଆଦର୍ଶ ଯୁବ ପରିଷଦ ପକ୍ଷରୁ ଚାରାରୋପଣ

ସୋର,(ଜନ୍ମେଜୟ ମିଶ୍ର)-ବୃକ୍ଷ କେବଳ ମନୁଷ୍ୟମାନଙ୍କର ନୁହେଁ, ସମସ୍ତ ପ୍ରାଣୀ ଜଗତର ହିତ ସାଧନ କରିଥାଏ। ବର୍ତ୍ତମାନ ପୃଥିବୀରେ ବୃକ୍ଷର ପରିମାଣ କମୁଥିବା ଯୋଗୁ ପରିବେଶ ଉତ୍ତପ୍ତ ହେବାରେ ଲାଗିଛି, ଫଳରେ ଜନ ଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଆଦର୍ଶ ଯୁବ ପରିଷଦର ସଦସ୍ୟମାନେ ବୃକ୍ଷରୋପଣ କରିବାକୁ ସଂକଳ୍ପ ନେଇଛନ୍ତି। ପରିଷଦର ସଦସ୍ୟମାନେ ରବିବାର ସୋର ବ୍ଲକ ଅନ୍ତର୍ଗତ ସରସଙ୍ଗ-ଚହଲିମା ରାସ୍ତାରେ ୩୦ରୁ ଅଧିକ ଚାରାରୋପଣ କରିଛନ୍ତି। ପରିଷଦର ଏଭଳି ପ୍ରୟାସକୁ ଗ୍ରାମବାସୀ ପ୍ରଶଂସା କରିବା ସହ ଚାରାରୋପଣରେ ସହାୟତା କରିଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ୫୭ ୟୁନିଟ ରକ୍ତ ସଂଗ୍ରହ

ଜଳେଶ୍ୱର,୨୦।୮(ରବିନାରାୟଣ ପାତ୍ର): ପୁରୀ ଗୋବର୍ଦ୍ଧନ ପୀଠର ଆଦିତ୍ୟବାହିନୀ ବାଘାବାଳି ଓ ମିଲିଟାରୀ ବଜାରବାସୀଙ୍କ ମିଳିତ ସହଯୋଗରେ ରାଜପୁରସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁ ଏହାକୁ ଉଦ୍‌ଘାଟନ କରିବା ସହ ନିଜେ ରକ୍ତଦାନ କରିଥିଲେ। ଶିବିରରୁ ୫୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବାଲେଶ୍ୱର ଜିଲାର କ୍ଷେତ୍ରୀୟ ସମ୍ପାଦକ କୁମାର ସତ୍ୟଜିତ୍ ବେଜ ଓ ପୃଥୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବନୀ ଶଙ୍କର ପାଳ ଶିବରକୁ ପରିଚାଳନା କରିଥିଲେ। ବାଲେଶ୍ୱର ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଡା. ବସନ୍ତ ଉପାଧ୍ୟାୟ, ଅକ୍ଷୟ କୁମାର ଜେନା, ରାଜେଶ ମିଶ୍ର, ଅଜୟ ମହାପାତ୍ର, ସତ୍ୟପ୍ରକାଶ ଦାସ, ବିଜୟ ପଟ୍ଟନାୟକ, ବିଦ୍ୟାଧର ରଥ ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ। ଗିରିଜା ଶଙ୍କର କର, ଶୁଭମ୍ ମହାନ୍ତି, ତାପସ ପାତ୍ର, ରଞ୍ଜନ ମହାନ୍ତି, ବସନ୍ତ ଦାସ, ଗଣେଶ ଦାସ, ରାକେଶ ଦେ, ଜଗମୋହନ ବ୍ରହ୍ମ, ସାନୁ କୁମାର ଗିରି, ଆଶିଷ ପାଳ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

### ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ

ଭଣ୍ଡାରିପୋଖରୀ, ୨୦।୮ (ରବିନାରାୟଣ ଖିଲାର)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଛକଠାରୁ ଥାନା ଛକ ଯାଏ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଉକ୍ତ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଏମ୍‌ପି ପ୍ରତିନିଧି ଲଳିତ ରାଉତ, ସରପଞ୍ଚ ବର୍ଷାରାଣୀ ଜେନା, ସମିତିସଭ୍ୟ ବିଷ୍ଣୁଚରଣ ଦାସ, ବରିଷ୍ଠ ନେତା ଦେବେନ୍ଦ୍ର ଦାସ, ହେମନ୍ତ ଜେନା, ସୌମ୍ୟରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଅବରୋଧ ଯୋଗୁ ହୋଇପାରୁନି ଜଳ ନିଷ୍କାସନ

ଧାମନଗର,୨୦।୮(ସନ୍ତୋଷ କୁମାର ମହାପାତ୍ର)-ଭଦ୍ରକ ଜିଲା ଧାମନଗର ବ୍ଲକ ଭଟ୍ଟସାହି ପଞ୍ଚାୟତର କୁଳସାହି, ବାରିକସାହି ଓ ବିଶ୍ୱାଳସାହି ଗ୍ରାମକୁ ଲାଗି ରହିଥିବା ପ୍ଲଟ ନଂ. ୬୬, ୭୦୧, ୭୦୫ ଓ ୭୦୭ ସରକାରୀ ଜମିକୁ ଗ୍ରାମର କିଛି ମୁଷ୍ଟିମେୟ ଲୋକ ମାଟି ପକାଇ ଅବରୋଧ କରିଛନ୍ତି। ଏହାଦ୍ୱାରା ବର୍ଷା ଓ ବନ୍ୟାଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ରାସ୍ତାଘାଟ ଜଳମଗ୍ନ ହେବା ସହ ପାଣି ଜମିରହି ଦୁର୍ଗନ୍ଧ ହେଉଛି। ଏନେଇ ଭଟ୍ଟସାହି ପଞ୍ଚାୟତ ଅଧିବାସୀ ଧାମନଗର ତହସିଲଦାର ସ୍ନିଗ୍ଧାରାଣୀ ଦେବୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଲିଭା ସାହୁ, ମହେନ୍ଦ୍ର ବାରିକ, ସଦାଶିବ ନାୟକ, ପ୍ରଫୁଲ୍ଲ କୁମାର ସାହୁ, ଭୀମସେନ ରାଉତ ପ୍ରମୁଖ ତହସିଲଦାରଙ୍କୁ ଭେଟିଥିଲେ। ତୁରନ୍ତ ଏହାର ସମାଧାନ କରାଯିବ ବୋଲି ତହସିଲଦାର ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ସଞ୍ଜ ନଇଁଲେ ଖୋଲୁଛି ନିଶା ପସରା

- ତେଜରାତି, ପାନ ଦୋକାନରେ ମିଳୁଛି
- ଅବକାରୀ କର୍ମଚାରୀ ଶୋଇ ରହିବା ଭିଡିଓ ଭାଇରାଲ୍

ଖଇରା,୨୦।୮(ଉତ୍କଳବନ୍ଧୁ ପଣ୍ଡା)


ଖଇରା ଅବକାରୀ କାର୍ଯ୍ୟାଳୟରେ ଦିନବେଳା ଭିତରୁ ତାଲା ଦେଇ ଫ୍ୟାନ ତଳେ ୨କର୍ମଚାରୀ ଶୋଇଥିବା ଭାଇରାଲ ଭିଡିଓର ଏକ ଅଂଶ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବିଭିନ୍ନ ଗାଁରେ ଅବାଧ ନିଶା କାରବାର ଚାଲିଥିବା ଅଭିଯୋଗ ହେଉଛି। ସଞ୍ଜ ନଇଁଲେ ଖୋଲୁଛି ନିଶା ପସରା। ପାନ, ତେଜରାତି ଦୋକାନରେ ଦେଶୀ ବିଦେଶୀ ମଦ ସାଙ୍ଗକୁ ଅନ୍ୟାନ୍ୟ ନିଶା ସାମଗ୍ରୀ ସହଜରେ ଉପଲବ୍ଧ ହେଉଛି। ଅନେକ ଛୋଟ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ଏହାର କବଳିତ ହେଉଛନ୍ତି। ସନ୍ଧ୍ୟା ଘଣ୍ଟ ବାଜିଲେ ଝିଅ ବୋହୂ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଦୋକାନ ସଂଖ୍ୟା ବଢ଼ିବା ଅନୁପାତରେ ଘରୋଇ ହିଂସା ମଧ ବଢ଼ି ଚାଲିଛି। ନିକଟରେ ଖଇରାରେ ଏକ ଅବକାରୀ ବିଭାଗ କାର୍ଯ୍ୟାଳୟ ଖୋଲିଥିଲେ ମଧ କର୍ମଚାରୀମାନେ କାର୍ଯ୍ୟାଳୟ ଭିତରୁ ତାଲା ଦେଇ ଫ୍ୟାନ ପବନ ତଳେ ନିଘୋଡ଼ ନିଦରେ ଶୋଇବା ବେଆଇନ ମଦ ବିକ୍ରେତାମାନଙ୍କ କାରବାରକୁ ଅଧିକ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି। ୨ କର୍ମଚାରୀ ଏଭଳି ଶୋଇ ରହିବା ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ତୁରନ୍ତ ଏଭଳି ବେଆଇନ ମଦ କାରବାରକୁ ବନ୍ଦ କରା ନ ଗଲେ ଅତିଷ୍ଠ ଖଇରାବାସୀ ରାଜାରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ପୂର୍ବରୁ ଖଇରା କାର୍ଯ୍ୟାଳୟ ସୋରରେ ଚାଲୁଥିବା ବେଳେ ସୋରରୁ ଏକ ଟିମ୍ ପ୍ରାୟ ପ୍ରତ୍ୟେକ ଦିନ ଆସି ଧରପଗଡ଼ କରିବା ସହ ବ୍ୟାପକ ପରିମାଣର ମଦ ଜବତ କରୁଥିଲେ। ୨ବର୍ଷ ତଳେ ଖଇରା ଅର୍ଜୁନପୁରଠାରେ ଭଡ଼ାଘରେ କାର୍ଯ୍ୟାଳୟ ଆରମ୍ଭ ହେବା ପରେ ଖଇରାବାସୀ ଆଶ୍ୱସ୍ତି ଲାଭ କରିଥିଲେ ଯେ, ଗାଁ ଗହଳିରେ କାଁଭାଁ ଚାଲୁଥିବା ବେଆଇନ ମଦ ବିକ୍ରି ଉପରେ ଅଙ୍କୁଶ ଲାଗିବ। ହେଲେ ଖଇରା ଅଞ୍ଚଳର ଲୋକଙ୍କ ସେଭଳି ଖୁସି ଏବେ ଲୁହରେ ପ୍ରତିଫଳିତ ହେଉଛି। ଛୋଟ ଛୋଟ ପିଲା ନିଶାସକ୍ତ ହୋଇ ଘରକୁ ଫେରିବା ମା'ବାପାଙ୍କ ଆଖିରୁ ନିଦ ହଜାଇ ଦେଇଛି। ୨ବର୍ଷ ମଧ୍ୟରେ ୩୭ ପଞ୍ଚାୟତର ଗାଁଗହଳିର ଚିତ୍ର ଅନୁଧ୍ୟାନ କଲେ ଏବେ ଛୋଟ ବଡ଼ ୧ହଜାରରୁ ଅଧିକ ଦୋକାନ ଚାଲୁଛି। ବିଭାଗୀୟ କର୍ମଚାରୀ କାଁଭାଁ ମଝିରେ ଝଲକ ଦେଖାଇବାକୁ ଛୋଟ ଛୋଟ ବ୍ୟବସାୟୀଙ୍କୁ ଧରି ଜେଲରେ ପୁରାଉଛନ୍ତି। ନିକଟରେ ଗଗନଧୂଳୀ ପଞ୍ଚାୟତର ମଛଦା ଗ୍ରାମରେ ଏଭଳି ଏକ ଘଟଣାକୁ ନେଇ ଏବେ ବି ଅସନ୍ତୋଷ କୁହୁଳୁଛି। କିଛି ବିହାରୀ ବିକ୍ରେତା ଓଡ଼ିଆ କର୍ମଚାରୀଙ୍କୁ ହାତବାରିସି କରି ଏହିଭଳି କାରବାରର କାୟା ବିସ୍ତାର କରୁଛନ୍ତି। କୁରୁଣ୍ଟା,ସାରଡାଙ୍ଗ, ଅଲିପୁର, ହନ୍ନବାବୀ,ପତିରାଜପୁର ଭଳି ଶାନ୍ତିପ୍ରିୟ ଅଞ୍ଚଳଗୁଡ଼ିକରେ ଏବେ ପ୍ରତ୍ୟହ ହିଂସା ଲାଗି ରହୁଥିବା ବେଳେ ଏଥିପାଇଁ ନିଶା ମୁଖ୍ୟ କାରଣ ବୋଲି କୁହାଯାଉଛି। ଏବେ ଖଇରାର କିଛି ଯୁବ ଗୋଷ୍ଠୀ ଚରସ,ହେରୋଇନ ବ୍ୟବସାୟ ଆରମ୍ଭ କରିଥିବା ବେଳେ ବିଳମ୍ବିତ ରାତିରେ ଗାଁଗାଁରେ ପଶି କଲେଜ ପଢୁଆ ପିଲାମାନଙ୍କୁ ନିଜ ଅଧୀନକୁ ନେବାକୁ ପ୍ରୟାସ ଆରମ୍ଭ କରୁଥିବା ଅଭିଯୋଗ ହୋଇଛି। ଭାଇରାଲ୍ ଭିଡିଓ ସମ୍ପର୍କରେ ଅବକାରୀ ଏସ୍‌ପି ସୁଶାନ୍ତ ପାଢ଼ୀଙ୍କୁ ଯୋଗାଯୋଗ କରିବାରେ ସେ ଏହାର ଯାଞ୍ଚ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ବିଧାୟକ ତାରାପ୍ରସାଦଙ୍କୁ ସମ୍ବର୍ଦ୍ଧନା


ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସହ କଂଗ୍ରେସ କର୍ମକର୍ତ୍ତା।

ତିହିଡ଼ି,୨୦।୮(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଉପର ହଂସପାଟ ଗ୍ରାମର କମଳାକାନ୍ତ ନାୟକଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ତିହିଡ଼ି ଆସିଥିଲେ। ତାଙ୍କ ସହ ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ, ବରିଷ୍ଠ ନେତା ସତ୍ୟାନନ୍ଦ ରାଉତ, ଦିଗମ୍ବର ଦାସ, ମନୋଜ କୁମାର ବିଶ୍ୱାଳ, ତିହିଡ଼ି ବ୍ଲକ ସଭାପତି ସରୋଜ ଦାସ, ଚାନ୍ଦବାଲି ବ୍ଲକ ସଭାପତି ତ୍ରୈଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ବାହିନୀପତିଙ୍କୁ ବାଇକ୍ ଶୋଭାଯାତ୍ରାରେ ତିହିଡ଼ି ତହସିଲ ଛକରୁ ପାଛୋଟି ନିଆଯାଇଥିଲା। କମାରିଆସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଓ ତିଆଡ଼ିସାହିଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶୋଭାଯାତ୍ରାରେ ଯୁବ କଂଗ୍ରେସ ସଭାପତି ଶ୍ରଦ୍ଧାପ୍ରକାଶ ନାୟକ, ସଂଯୋଜକ ବିପିନ ବିହାରୀ ପତି, ସୁରେଶ ମହାପାତ୍ର, ଗଗନ ବିହାରୀ ମହାନ୍ତି, ସରପଞ୍ଚ କ୍ଷୀରାବ୍ଦୀ ତନୟା ମଲ୍ଲିକ, ସମିତିସଭ୍ୟ କୈଳାସ ମାଝୀ, ମୀନକେତନ ସେନାପତି, ଦିଲୀପ କୁମାର ବିଶ୍ୱାଳ, ଗୋରାବାବୁ ସାହା, ଅମରେନ୍ଦ୍ର ବେହେରା ପ୍ରମୁଖ ସାମିଲ ଥିଲେ।

# ଭୋଟର ସଚେତନତା ମହାଅଭିଯାନ


କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ବାଲେଶ୍ୱର,୨୦।୮(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ନୂଆସାହି ଛକ ନିକଟସ୍ଥ ଏକ ଘରୋଇ କଲ୍ୟାଣ ମଣ୍ଡପ ପରିସରରେ ରବିବାର ଭାରତୀୟ ଜନତା ପାର୍ଟି ରେମୁଣା ତରଫରୁ ଏକ ଭୋଟର ସଚେତନତା ମହାଅଭିଯାନ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କିଭଳି ପ୍ରତ୍ୟେକ ବୁଥରେ ନୂତନ ଭୋଟର ଯୋଡ଼ିବେ, ବୁଥ୍ କେମିତି ମଜବୁତ୍ ହେବ, ଭ୍ରଷ୍ଟାଚାରରୁ ମୁକ୍ତି ପାଇଁ ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତ ଅଫିସ୍ ଘେରାଉକରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଉପସ୍ଥିତ ଥିଲେ। ବାଘାଯତୀନ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସାହା ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଠକରେ ସମସ୍ତ ନିର୍ବାଚିତ ପ୍ରତିନିଧି, ମଣ୍ଡଳ ସଭାପତି, ବୁଥ ସଭାପତି, ବୁଥ ବିଏଲ୍‌ଏ ତଥା ସମସ୍ତ ଶକ୍ତିକେନ୍ଦ୍ର ପ୍ରମୁଖ, ସହପ୍ରମୁଖ ଏବଂ ଅନ୍ୟ ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କ୍ଷୀରଚୋରା ମଣ୍ଡଳ ସଭାପତି ମଳୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆଜିଠାରୁ କାର୍ଯ୍ୟବନ୍ଦ

କେନ୍ଦୁଝର,୨୦।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

ସଦର ବ୍ଲକ୍ ଅନ୍ତର୍ଗତ ବାଉରୀପଦା ପଞ୍ଚାୟତର ଗ୍ରାମ ରୋଜଗାର ସେବକଙ୍କୁ ମାଡ ଘଟଣାକୁ ନେଇ ରୋଜଗାର ସେବକମାନେ ପ୍ରତିବାଦ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରିବା ଓ ସୁରକ୍ଷା ଦାବିରେ ସଦର ବିଡିଓଙ୍କୁ ଦାବିପତ୍ର ଦେବା ସହ ଏହାର କପି ଆରକ୍ଷୀ ଅଧିକ୍ଷକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦଙ୍କୁ ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୧୫ ତାରିଖ ଦିନ ବାଉରୀପଦା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା ଚାଲିଥିବାବେଳେ ଜଣେ ଯୁବକ ଗ୍ରାମ ରୋଜଗାର ସେବକ ସୋମନାଥ ମହାନ୍ତଙ୍କୁ ଆକ୍ରମଣ କରିଥିଲେ। ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଘର ଆବଣ୍ଟନ ତାଲିକା ପ୍ରସ୍ତୁତ ଓ ବଣ୍ଟନକୁ ନେଇ ଏହି ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ଏଣୁ ସେମାନଙ୍କୁ ସୁରକ୍ଷା ଦେବା ସହ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାରଠାରୁ କାର୍ଯ୍ୟବନ୍ଦ କରିବାକୁ ଜିଆରଏସ୍ ସୋମନାଥ ମହାନ୍ତ, ଦେବାଶିଷ ରାଉତ, ଗଣେଶ୍ୱର ମହାନ୍ତ, ଅଜିତ୍ ମହାନ୍ତ, ଜିତେନ୍ଦ୍ର ମହାନ୍ତ, ଗୋଲାପ ମହାନ୍ତ ପ୍ରମୁଖ ଦସ୍ତଖତ କରି ବିଡିଓଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ଏ ନେଇ ସଦର ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ରମାକାନ୍ତ ସୋଏ କହିଛନ୍ତି, ଅଭିଯୁକ୍ତ ଫେରାର ଥିବାରୁ ଧରାଯାଇ ପାରିନାହିଁ।

### ଜିଆରଏସ୍‌ଙ୍କୁ ମାଡ଼ ଘଟଣା

# ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି


ଜିଲା କଂଗ୍ରେସ ପଦାଧିକାରୀ ଓ କର୍ମକର୍ତ୍ତା।

କେନ୍ଦୁଝର,୨୦।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

ଆଧୁନିକ ଭାରତ ବର୍ଷର ନିର୍ମାତା, ଯୁବ ମାନସର ପ୍ରତୀକ, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ଜନ୍ମଦିନରେ କେନ୍ଦୁଝର ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ କର୍ମକର୍ତ୍ତା ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଜିଲା କଂଗ୍ରେସ ସଭାପତି ମୋହନ ପରିଡ଼ାଙ୍କ ସମେତ ପିସିସି ସଭ୍ୟା ସଙ୍ଗୀତା ସିଂହ, ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜିଲା କଂଗ୍ରେସ ସମ୍ପାଦକ ସତ୍ୟଜିତ ଦାସ, ସୋସିଆଲ ମିଡ଼ିଆ କଂଗ୍ରେସ ସଂଯୋଜକ ସୁତ୍ରଳ କୁମାର ସେଠୀ ଓ ପ୍ରମୋଦ ବେହେରା ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ପରିବର୍ଦ୍ଧିତ ବୈଠକ

ବୈଶିଙ୍ଗା,୨୦।୮(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ପରିବର୍ଦ୍ଧିତ ବୈଠକ ରବିବାର ବୈଶିଙ୍ଗା ମଇ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଶାଗୁଆନ ଗଛର ଚାରାରୋପଣ କରାଯାଇଛି। ସଂଘର ସଭାପତି ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଆଡ୍‌ଭୋକେଟ ସଚ୍ଚିଦାନନ୍ଦ ମହାନ୍ତିଙ୍କ ସହଯୋଗରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସଂଘର ବହୁ ସଦସ୍ୟ ଯୋଗଦେବା ସହ ନୂତନ ସଭ୍ୟ ଗ୍ରହଣ କରାଯାଇଥିଲା। ବରିଷ୍ଠ ସଦସ୍ୟ ଚୂଡ଼ାମଣି ମହାପାତ୍ର ମଞ୍ଚାସୀନ ଥିଲେ। ଚିକିତ୍ସା ଭତ୍ତା ପ୍ରଦାନ, ୧୮ ମାସର ବକେୟା ମହାର୍ଘ ଭତ୍ତା ଏବଂ ଅବସର ପରେ ପ୍ରତି ପାଞ୍ଚବର୍ଷରେ ବର୍ଦ୍ଧିତ ପେନ୍‌ସନ ପ୍ରଦାନ ଦାବି ପ୍ରତି ବେତନଟୀ ସଂଘର ସମର୍ଥନ ଜଣାଯାଇଥିଲା।

ଚଳିତମାସ ୯ ତାରିଖରେ କଟକଠାରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି କ୍ରମେ ଆଗାମୀ ଅକ୍ଟୋବର ୧୧ରେ ଭୁବନେଶ୍ୱରଠାରେ ହେବାକୁ ଥିବା ବିଶାଳ ସମାବେଶରେ ବହୁସଂଖ୍ୟାରେ ଯୋଗଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବାସୁଦେବ ନାପିତ, ରବୀନ୍ଦ୍ର ନାଥ ଖଟୁଆ, ଯତୀନ୍ଦ୍ରନାଥ ସାହୁ, ରବୀନ୍ଦ୍ର ନାଥ ମିଶ୍ର, ସୀତାନାଥ ବେହେରା, ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମହେଶ୍ୱର ଷଡ଼ଙ୍ଗୀ ଓ ରାଧାକ୍ରୀଷ୍ଣ ଷଡ଼ଙ୍ଗୀଙ୍କ ମିଳିତ ସଂଯୋଜନାରେ ସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭ୍ୟ ହରେକ୍ରିଷ୍ଣ ବିନ୍ଧାଣୀ, ଜ୍ଞାନରଞ୍ଜନ ପଣ୍ଡା, ସନାତନ ସିଂ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ହରେନ୍ଦ୍ରନାଥ ବାରିକ ଧନ୍ୟବାଦ ଦେଇଥିଲେ।

# ବଦଳି ପରେ ତରବରିଆ ଫାଇଲ କାମ

## ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ

କେନ୍ଦୁଝର,୨୦।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀଙ୍କ ବଦଳି ବାରିପଦାକୁ ହୋଇଛି। ୧୮୭୨୪/ ୦୨ଅଗଷ୍ଟ୨୦୨୩ରେ ଚିଠି ନମ୍ବରରେ ତାଙ୍କ ବଦଳି ଆଦେଶ ହୋଇଥିଲା। ତେବେ ବଦଳି ଆଦେଶର ୧୫ ଦିନ ପରେ ନୂତନ ଜିଲା ଶିକ୍ଷା ଅଧିକାରୀ ଯୋଗଦାନ କରିବା ପରେ ଗତକାଲି ରିଲିଭ ହୋଇଛନ୍ତି। ତେବେ ଗତ ୧୫ ଦିନ ମଧ୍ୟରେ କୋର୍ଟରେ ବିଚାରଧୀନ ଥିବା ମାମଲା, ପଦୋନ୍ନତି, ଦରମା ବୃଦ୍ଧି, ଡେପୁଟେସନ ଭଳି ବିଭିନ୍ନ ସେକ୍ସନ ବହୁ କାମ ତରବରିଆ ଭାବେ କରାଯାଇଛି। ଏପରିକି ଯେଉଁ ସବୁ ଫାଇଲ ବିଭିନ୍ନ କାରଣରୁ ଦୀର୍ଘ ବର୍ଷ ହେଲା ପଡ଼ି ରହିଥିଲା ସେ ସସବୁର ଠିକ୍ ତର୍ଜମା କରା ନ ଯାଇ ଦସ୍ତଖତ କରି ଦେଇଥିବା ଜଣାପଡ଼ିଛି। ଯାହାକୁ ନେଇ ଅବସରପ୍ରାପ୍ତ ଶିକ୍ଷକମାନେ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବଦଳି ଆଦେଶ ପୂର୍ବରୁ ଏସବୁ ଫାଇଲ କାମ ନ କରି ଏଭଳି ତରବରିଆ ଭାବରେ ଫାଇଲ ଦସ୍ତଖତ ପଛରେ କି ରହସ୍ୟ ରହିଛି ତାହାର ତଦନ୍ତ କରିବାକୁ କେତେକ ଶିକ୍ଷକ ସଂଗଠନ ଦାବି କରିଛନ୍ତି। କୋର୍ଟର ରହିତାଦେଶ ସତ୍ତ୍ୱେ ପଦୋନ୍ନତି ଫାଇଲରେ ଦସ୍ତଖତ ହୋଇଥିବାରୁ ଏହା କୋର୍ଟ ଅବମାନନା ବୋଲି ପ୍ରତିପକ୍ଷମାନେ କହିଛନ୍ତି। ଗତ ୧୫ ଦିନ ମଧ୍ୟରେ ତରବରିଆ ଭାବରେ ହୋଇଥିବା ସମସ୍ତ କାମର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ ଦାବି କରିଛନ୍ତି।

# ଲାଲବଜାର ରାଜା ପୂଜା କମିଟି ବୈଠକ

## ନୂତନ କର୍ମକର୍ତ୍ତା ଚୟନ


ବୈଠକରେ ଉପସ୍ଥିତ ପୂଜା କମିଟି କର୍ମକର୍ତ୍ତା।

ବାରିପଦା,୨୦।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହର ପୁରାତନ ଲାଲବଜାର ରାଜା ଗଣେଶ ପୂଜା କମିଟିର ଚଳିତ ବର୍ଷର ପ୍ରଥମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରୋଟାରୀ କ୍ଲବ୍‌ଠାରେ ବାରିପଦା ପୌରପରିଷଦର ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ସଦସ୍ୟମାନଙ୍କୁ ନେଇ ପୂଜାର ପ୍ରସ୍ତୁତି ବାବଦରେ ଆଲୋଚନା ହୋଇଛି। ଚଳିତ ବର୍ଷ ପୂଜା ୧୫ ବର୍ଷରେ ପାଦ ଦେଇଥିବା ବେଳେ କିପରି ଏହାକୁ ସରସ ସୁନ୍ଦର କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ କମିଟିର ସଭାପତି ଭାବେ ଗଣେଶ ଚନ୍ଦ୍ର ଦାସ, ଉପ ସଭାପତି ଭାବେ ସୁଶୋଭନ ମହାନ୍ତି, ସମ୍ପାଦକ ଭାବେ ବିଭୁତି ଭୂଷଣ ଦାସ, ସହ ସମ୍ପାଦକ ଭାବେ କାହ୍ନୁ ଚରଣ ଦାସ ଓ କୋଷାଧ୍ୟକ୍ଷ ଭାବେ ପାର୍ଥ ସାରଥୀ ସ୍ୱାଇଁଙ୍କୁ ସର୍ବ ସମ୍ମତିକ୍ରମେ ଚୟନ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ବରିଷ୍ଠ ଆଡ୍‌ଭୋକେଟ ବିଭୁ ପ୍ରସାଦ ଦାସ, ଜ୍ୟୋତି ପ୍ରକାଶ ରଥ, ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ରବୀନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ ଦାସ, ସମରେନ୍ଦ୍ର ଘୋଷ, ଦିଲ୍ଲୀପ ସାହୁ, ତୁଷାରକାନ୍ତି ଦାସ, ମୋହନ ବୁର୍ଣ୍ଣୱାଲ, ତିମିରି କାନ୍ତି ଦାସ ପ୍ରମୁଖ ରହିଛନ୍ତି। ବୈଠକରେ ଲାଲବଜାର ରାଜା ପୂଜା କମିଟିର ପ୍ରତିଷ୍ଠାତା ସଦସ୍ୟମାନେ ଉପସ୍ଥିତ ରହି ପୂଜାର ତୋରଣ, ସାଜସଜ୍ଜା ଓ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ସୂଚନା ଥାଉ କି, ଗଣେଶଙ୍କ ସୁଉଚ୍ଚ ମୂର୍ତ୍ତିକୁ ଲାଲବଜାର ରାଜା ଭାବେ କହିଥାନ୍ତି। ପୂଜାର୍ଚ୍ଚନା ସମେତ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ସପ୍ତାହ ଧରି ଅନୁଷ୍ଠିତ ହୋଇଥାଏ।

# ରାସ୍ତାରେ ବିପଦପୂର୍ଣ୍ଣ ରାତ୍ରିଯାପନ

## ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆଶ୍ରୟସ୍ଥଳ ନିର୍ମାଣ ଦାବି

କେନ୍ଦୁଝର,୨୦।୮(ନରେଶ ଚନ୍ଦ୍ର ପଟ୍ଟନାୟକ)


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗ ଟ୍ରାଫିକ ଛକରେ ନିରାଶ୍ରିତ ରାସ୍ତାରେ ରାତି କାଟୁଛନ୍ତି।

କେନ୍ଦୁଝର ଜିଲା ମୁଖ୍ୟାଳୟରେ ନିରାଶ୍ରିତଙ୍କ ପାଇଁ କୌଣସି ସୁବିଧା ନ ଥିବାରୁ ରାତିରେ ଯିବା ଆସିବା କରୁଥିବା ବା ବସକୁ ଅପେକ୍ଷା କରୁଥିବା ଲୋକେ ରାସ୍ତାକଡ଼ରେ ଶୋଉଛନ୍ତି। ବର୍ଷା, ଶୀତ କାକରରେ ବିପଦପୂର୍ଣ୍ଣ ଭାବେ ରାତି କାଟିବାକୁ ପଡୁଛି। ମଶାମାଛିଙ୍କ ପାଦୁର୍ଭାବ ତଥା କୁକୁର ଓ ଅସାମାଜିକଙ୍କ ଦୌରାତ୍ମ ଲାଗି ରହୁଥିବାରୁ ରାତି କାଟୁଥିବା ଲୋକମାନେ ଭୟ ଓ ଆଶଙ୍କାରେ ରହୁଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ମୁଖ୍ୟାଳୟରେ ପୌରପାଳିକା ବସ୍‌ଷ୍ଟାଣ୍ଡ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପ୍ରାୟ ୫ କି.ମି. ଦୂର ପୁରୁଣା ସହରରେ ରହିଛି। ତେବେ ସେଠାକୁ ଦିନ କିମ୍ବା ରାତିରେ ଘରୋଇ ବସ୍ ଯାଉ ନ ଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଛକ ଆଖପାଖ ବସ୍‌ଷ୍ଟାଣ୍ଡ ପାଲଟିଛି। ବିଶେଷ କରି ରାତିରେ ସବୁ ବସ୍ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଯିବାଆସିବା କରିଥାନ୍ତି। ବସ ଫେଲ ହୋଇଗଲେ, ବସ ନ ଆସିଲେ ଓ ଦୂରଦୂରାନ୍ତର ଲୋକ ରାତିରେ ଓହ୍ଲାଇଲେ ଆଶ୍ରୟ ନେବାକୁ କୌଣସି ବ୍ୟବସ୍ଥା ନାହିଁ। ପୁରୁଣା ସହରରେ ଥିବା ଆଶ୍ରୟ ଗୃହକୁ ଯାତ୍ରୀମାନେ ରାତିରେ ଯିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଣୁ ସୁରକ୍ଷା ଦୃଷ୍ଟି କୋଣରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଟ୍ରାଫିକ ଛକ ଓ ରାସ୍ତା କଡ଼ରେ ରାତ୍ରୀଯାପନ କରିବାକୁ ବାଧ ହୋଇଥାନ୍ତି। ସ୍ନାନ ଶୌଚ କରିବାରେ ବିଶେଷ କରି ମହିଳାମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସହରରେ ଆଶ୍ରୟ ସ୍ଥଳ ପ୍ରତିଷ୍ଠା କରିବାକୁ ଦାବି ହୋଇ ଆସୁଥିଲେ ହେଁ କରାଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଉଥିବା ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି। ଏଣୁ ସରକାରୀ ବସ୍‌ଷ୍ଟାଣ୍ଡକୁ ଉନ୍ନତି କରିବା ସହ ଏହାର ପରିସରରେ ବା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆଶ୍ରୟସ୍ଥଳ ନିର୍ମାଣ କରାଯାଉ ବୋଲି ଦାବି କରିଛନ୍ତି। ଅନ୍ୟପକ୍ଷେ ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ପୌରପାଳିକା ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଥିଲେ ହେଁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ କାହାରି ଆନ୍ତରିକତା ନାହିଁ। ଫଳରେ ସହରର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଗଢ଼ି ଉଠି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଏ ନେଇ ପଦକ୍ଷେପ ନେବାକୁ ପୂର୍ବତନ ପୌରାଧ୍ୟକ୍ଷ ପ୍ରଭଞ୍ଜନ ପଟ୍ଟନାୟକ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୧ ଅଗଷ୍ଟ ୨୦୨୩



**୩ ମଦ ବେପାରୀ ଗିରଫ**

ଔପଦା,(ଧରିତ୍ରୀ ପଣ୍ଡା)- ଔପଦା-ବଡ଼ପୋଖରୀ ମୁଖ୍ୟ ରାସ୍ତାର ଛିଣ୍ଡିଆ ଗ୍ରାମ ଛକଠାରେ ଔପଦା ପୋଲିସ ଚଢ଼ାଉ କରି ୨୦୦ଲିଟର ଦେଶୀ ମଦ ସହ ଗୋଟିଏ ଇଣ୍ଡିକୋ କାର ଓ ବାଇକ୍ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ୩ ବେପାରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବେତେଇ ଗ୍ରାମର କୃପାସିନ୍ଧୁ ବେହେରା, ତାଙ୍କ ସହଯୋଗୀ ବଜରଙ୍ଗ ମହାକୁଡ଼ ଓ ନିରଞ୍ଜନ ବଉଳ ପାଳିଆ। ଏନେଇ ଥାନାରେ ଏକ ମାମଲା(ନଂ.୬୯/୨୩) ରୁଜୁ ହୋଇଛି। ଥାନା ଏସ୍ଆଇ ପ୍ରବୋଧ କୁମାର ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିଲେ।

## ସଂକ୍ଷେପରେ

### ଟ୍ରକ୍ ଚାପାରେ ୯ ଗୋରୁ ମୃତ, ୧ ଗୁରୁତର

ବଡବିଲ,୨୦।୮(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଗନ୍ଧଲପଦା ନିକଟରେ ଏକ ଟ୍ରକ ଚାପାରେ ୯ ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋଟିଏ ଗୁରୁତର ହୋଇଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ରାସ୍ତା ଉପରେ ଶୋଇଥିବା ଗୋରୁପଲଙ୍କ ଉପରେ ଟ୍ରକ୍ ଚଢ଼ିଯାଇଥିଲା। ସୂଚନା ଅନୁଯାୟୀ, ରବିବାର ଭୋରରେ ଜାତୀୟ ରାଜପଥର କୋଇଡ଼ା ପଟୁ କେନ୍ଦୁଝର ରାସ୍ତାରେ ଯାଉଥିବା ଅଜଣା ଟ୍ରକ୍ ଗୋରୁପଲଙ୍କ ଉପରେ ଚଢ଼ାଇ ପଳାଇଯାଇଛି। ରୁଗୁଡ଼ି ପୋଲିସ ପହଞ୍ଚି ମୃତ ଗୋରୁଙ୍କୁ ରାସ୍ତା ଉପରୁ ଉଠାଇଥିଲା। ଯୋଡ଼ାସ୍ଥିତ ନନ୍ଦୀ ଗୋ-ସେବା କେନ୍ଦ୍ରର ସଦସ୍ୟମାନେ ଆହତ ଗୋରୁକୁ ଉଦ୍ଧାର କରି ନେଇଯାଇଥିବା ଜଣାପଡ଼ିଛି। ସୂଚନାଥାଉ କି, ଶନିବାର ଭୋର ସମୟରେ ଯୋଡ଼ା ଥାନା ବିଲେଇପଦାସ୍ଥିତ କାରଣସାହି ନିକଟରେ ଏହି ରାଜପଥରେ ଏକ ଟ୍ରକ୍ ଚାପାରେ ୮ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ୨ଗୋରୁ ଗୁରୁତର ହୋଇଥିଲେ।

### କାର୍ ଧକ୍କାରେ ପଥଚାରୀଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୦।୮(ମାନସ ମହାନ୍ତି/ମନୋରଞ୍ଜନ ତିରିଆ): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଅସନବଣି ଗ୍ରାମ ଛକ ରାଇରଙ୍ଗପୁର-ବିଶୋଇ ରାଜପଥ ରାସ୍ତାରେ ଶନିବାର ରାତି ପ୍ରାୟ ୯ଟା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ କାର୍ ଧକ୍କାରେ ଜଣେ ପଥଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଆହାରବନ୍ଧ ଗ୍ରାମର ଭୀମ ପାତ୍ର (୪୮)। ସେ ରାସ୍ତାରେ ଚାଲି ଚାଲି ରାଇରଙ୍ଗପୁର ସହରାଞ୍ଚଳରୁ ଭରଣ୍ଡିଆ ଗ୍ରାମକୁ ଯାଉଥିବା ବେଳେ କାର୍ ଧକ୍କା ଦେଇ ଉପରେ ଚଢ଼ାଇ ଫେରାର ହୋଇଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତଙ୍କ ପୁତ୍ର ବିରେନ୍ଦ୍ର ପାତ୍ରଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ. ୨୫୪/୨୩) ରୁଜୁ କରିଛି।

### 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ

ରୂପସା,୨୦।୮(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଉଇଟିକିରିସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମନୋରଞ୍ଜନ ବେହେରା ଅଧ୍ୟକ୍ଷତା କରି ଦେଶ ପ୍ରୀତି, ଜାତି ପ୍ରୀତିରେ ଉଦ୍‌ବୁଦ୍ଧ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଦର୍ଶନ ବିଭାଗ ଅଧ୍ୟାପକ ମାନସ ଦତ୍ତ ଯୁବଶକ୍ତି ରାଷ୍ଟ୍ରର ଶ୍ରେଷ୍ଠ ଶକ୍ତି ହୋଇଥିବାରୁ ଦେଶ ପାଇଁ ଦାୟିତ୍ୱବାନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସପନ ମହାପାତ୍ର, ଉମାଶଙ୍କର ପାଣି, ପୂର୍ଣ୍ଣଚନ୍ଦ୍ର ଭୋଳ, ଶାଶ୍ୱତ ପାତ୍ର, ଅଧ୍ୟାପିକା ଦୁର୍ଗା ମାରାଣ୍ଡି, ଭାରତୀ ଭୋଇ ଓ ପ୍ରଣତି ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଜେମାମଣି ସାହୁଙ୍କ ତତ୍ତ୍ୱାବଧାନରେ ଶହୀଦଙ୍କ ଉଦ୍ଦେଶ୍ୟରେ ଦୀପ ଦାନ, ପଞ୍ଚାୟତରୁ ମାଟି ସଂଗ୍ରହ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### କବି କମଳାକାନ୍ତ ଲେଙ୍କାଙ୍କ ଶ୍ରାଦ୍ଧୋତ୍ସବ

ଭଦ୍ରକ,୨୦।୮(ସନାତନ ରାଉତ)-ବିଶିଷ୍ଟ କବି ସ୍ୱର୍ଗତ କମଳାକାନ୍ତ ଲେଙ୍କାଙ୍କ ୨୪ତମ ଶ୍ରାଦ୍ଧୋତ୍ସବ କମଳାକାନ୍ତ ସାହିତ୍ୟ ସମାଜ ପକ୍ଷରୁ ଭଦ୍ରକର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ ରଜନୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଡ. ଶକୁନ୍ତଳା ବଳିୟାରସିଂ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ଗୋଲକ ବିହାରୀ ସାହୁ, ଅନ୍ୟତମ ଅତିଥି ଗାଳ୍ପିକ ପ୍ରକାଶ ମହାପାତ୍ର ଓ ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ ଯୋଗଦେଇ କବି ଲେଙ୍କାଙ୍କ ରଚିତ କବିତାଗୁଡ଼ିକ ସଚେତନଧର୍ମୀ ଥିଲା ବୋଲି କହିଥିଲେ। କବି ଚୈତାଳି ଖିଲାର ମଞ୍ଚ ଆହ୍ୱାନ କରିଥିବା ବେଳେ କବି ଡ. ଅବନୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ କବି ସୀତାଂଶୁ ଲେଙ୍କା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ପାଦକ ପ୍ରଦୀପ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କବି ସ୍ୱର୍ଗତ ଲେଙ୍କାଙ୍କ ସମେତ ଡ. ରାଧାବିନୋଦ ନାୟକ, ସୋମନାଥ ଓଝା ଏବଂ ଅକ୍ଷୟ ଜେନାଙ୍କ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟସାମଗ୍ରୀ ବିକ୍ରି

- ପୌର, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାଞ୍ଚ ହେଉନି
- ବର୍ଷା ଦିନରେ ବିଭିନ୍ନ ରୋଗ ବ୍ୟାପୁଛି

କେନ୍ଦୁଝର,୨୦।୮(ଦୀପକ ମିଶ୍ର)



ଫାଷ୍ଟଫୁଡ୍ ଦୋକାନ ନିକଟରେ ଅଳିଆ ଓ ପାଣି ଜମିଛି।

କେନ୍ଦୁଝର ସହରରେ ଫାଷ୍ଟଫୁଡ୍ ଦୋକାନ ଦିନକୁ ଦିନ ବଢ଼ିବାରେ ଲାଗିଛି। ରାସ୍ତାକଡ଼ରେ ଠେଲା ଗାଡ଼ି ସାହାଯ୍ୟରେ ଚଟପଟି ଖାଦ୍ୟ ଜଳଖିଆ ଏବଂ ଫାଷ୍ଟଫୁଡ୍ ଆଦି ବିକ୍ରି କରୁଛନ୍ତି। ସହରର ମୁଖ୍ୟ ବଜାର, ବସ୍‌ଷ୍ଟାଣ୍ଡ, ରାସ୍ତାକଡରେ ଷ୍ଟଲ୍, ଦୋକାନ ଦେଖିବାକୁ ମିଳୁଛି। କିନ୍ତୁ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଦୋକାନୀ ଓ ଫାଷ୍ଟଫୁଡ୍ ବ୍ୟବସାୟୀମାନେ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଠେଲା ନିକଟରେ ଅଳିଆ ଜମା ହୋଇ ରହୁଥିବା ବେଳେ ଅନେକେ ଡ୍ରେନ୍ ନିକଟରେ ଅପରିଷ୍କାର ସ୍ଥାନରେ ବିକ୍ରି କରୁଛନ୍ତି। ଖାଦ୍ୟ ଲୋଭରେ ଲୋକମାନେ ଖାଦ୍ୟର ମାନ, ପାଣିର ଶୁଦ୍ଧତା ଓ ତିଆରି କରୁଥିବା ଲୋକର ପରିଚ୍ଛନ୍ନତା ଉପରେ ଧ୍ୟାନ ଦେଉନାହାନ୍ତି; ଯାହା ଫଳରେ ଅନେକ ସମୟରେ ରାସ୍ତାକଡ଼ରୁ ଖାଦ୍ୟ ଖାଇ ଲୋକେ ପେଟରୋଗରେ ଆକ୍ରାନ୍ତ ହେଉଛନ୍ତି।

କେବଳ ଫାଷ୍ଟଫୁଡ୍ ଦୋକାନ ନୁହେଁ ଅନେକ ହୋଟେଲ ମଧ୍ୟ ନର୍ଦ୍ଦମା କଡ଼ରେ ରହିଛି; ଯେଉଁଠାରୁ ସର୍ବଦା ଦୁର୍ଗନ୍ଧ ବାହାରୁଛି। ଦୋକାନୀମାନେ ଯେଉଁ ପିଇବା ପାଣି ରଖିଥାନ୍ତି ତାହା ଅଧିକାଂଶ ପିଇବା ଉପଯୁକ୍ତ ନୁହେଁ ବୋଲି ସହରର ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତିମାନେ ପ୍ରକାଶ କରନ୍ତି। ଅନେକ ଜଳଖିଆ ଦୋକାନ ପୋଡ଼ା ତେଲ ସମେତ ବାସି ଖାଦ୍ୟ ଦେଉଥିବାରୁ ଅନେକ ସମୟରେ ଖାଇବା ପରେ ଝାଡ଼ାବାନ୍ତି ହେଉଛି। ଚାଟ, ଜଳଖିଆ ଦୋକାନଗୁଡ଼ିକରେ ଖାଇବା ପ୍ଲେଟ୍ ଅପରିଷ୍କାର ପାଣି କୁଣ୍ଡରେ ପକାଉଥିବା ଏବଂ ସେହି କୁଣ୍ଡରୁ ପ୍ଲେଟ୍ କାଢ଼ି ଖାଦ୍ୟ ଦେଉଥିବାରୁ ବିଭିନ୍ନ ଜଳବାହିତ ରୋଗ ବ୍ୟାପିଥାଏ। କେତେକ ଦୋକାନୀ ଖାଦ୍ୟ ପ୍ରସ୍ତୁତି ସମୟରେ ଅଧିକ ରୁଚିକର କରିବା ପାଇଁ କୃତ୍ରିମ ରଙ୍ଗ, ଚାଇନା ସଲ୍ଟ, ଭିନେଗାର, ସୋୟାସସ୍ ଭଳି ବହୁ ରକମର ରାସାୟନିକ ଦ୍ରବ୍ୟ ମିଶାଉଛନ୍ତି। ଖାଦ୍ୟର ମାନ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ଯାଞ୍ଚ କରାଯାଉ ନ ଥିବାରୁ ଫାଷ୍ଟଫୁଡ ବିକ୍ରି କରୁଥିବା ଦୋକାନୀ ସଚେତନ ହେଉନାହାନ୍ତି। ସ୍ୱାସ୍ଥ୍ୟ ବିଭାଗର ଫୁଡ୍ ଇନ୍ସପେକ୍ଟର ଥିବା ସତ୍ତ୍ୱେ ଅପମିଶ୍ରିତ ଫାଷ୍ଟ ଫୁଡ କିମ୍ବା ଅପରିଷ୍କାର ପରିବେଶ ସମ୍ପର୍କରେ କେହି ପାଟି ଫିଟାଉ ନ ଥିବାବେଳେ ପୌରପାଳିକାର ସ୍ୱାସ୍ଥ୍ୟ ଅଧିକାରୀ ମଧ୍ୟ ନୀରବି ଯାଇଛନ୍ତି ବୋଲି ଅଭିଯୋଗ ହେଉଛି। ଏବେ ବର୍ଷା ସମୟରେ ଏହି ପରିବେଶ ଆହୁରି କଦର୍ଯ୍ୟ ହୋଇପଡ଼ିଥିବାବେଳେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଖାଦ୍ୟ ନିରୀକ୍ଷକ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରି ଖାଦ୍ୟର ମାନ ଓ ପରିଷ୍କାର ପରିଚ୍ଛନ୍ନତା ଯାଞ୍ଚ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି। କେନ୍ଦୁଝର ଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟ କହିଛନ୍ତି, ଖୁବ୍‌ଶୀଘ୍ର ଖାଦ୍ୟ ନିରୀକ୍ଷକଙ୍କୁ ନେଇ ଚଢ଼ାଉ କରାଯିବ। ଏହା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସେ କହିଥିଲେ।

# ନିୟମିତ ଚାକିରି, ପୁରୁଣା ପେନ୍‌ସନ ଦାବି

## ପାଇପ୍ ଜଳ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ



ସମ୍ମିଳନୀରେ ଅତିଥିଙ୍କ ସହ ପାଇପ୍ ଜଳ କର୍ମଚାରୀ ସଂଘର କର୍ମକର୍ତ୍ତା।

ଭଦ୍ରକ, ୨୦।୮(ସନାତନ ରାଉତ)

ଭଦ୍ରକ ଜନସ୍ୱାସ୍ଥ୍ୟ ଉପଖଣ୍ଡ ପରିସର ଜୀବନ କ୍ଲବ ଗୃହରେ ରବିବାର ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଟକର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ସମାଧାନ ପାଇଁ ବିଧାନସଭାରେ ଦାବି ଉପସ୍ଥାପନ କରିବେ ବୋଲି କହିବା ସହ କେତେକ ଦାବି ପୂରଣ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ରାଜ୍ୟ ସଂଘର ସଭାପତି ହୃଷିକେଶ ସେଠୀ ସଭାପତିତ୍ୱ କରିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଇଂ. ରତୀନ୍ଦ୍ର ନାଥ ମଲ୍ଲିକ, ବାଲେଶ୍ୱର ମଣ୍ଡଳର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ. ଶରତ କୁମାର ପାଣିଗ୍ରାହୀ, ବାଲେଶ୍ୱର ଖଣ୍ଡର ଅଧୀକ୍ଷଣ ଯନ୍ତ୍ରୀ ଇଂ. ନବୀନ ଚନ୍ଦ୍ର ସିଂହ ଯୋଗଦେଇ ଅସ୍ଥାୟୀ କର୍ମଚାରୀମାନଙ୍କ ସ୍ଥାୟୀ ନିଯୁକ୍ତି, ନିୟମିତ ଚାକିରି ସହ ପୁରୁଣା ପେନ୍‌ସନ ପ୍ରଦାନ, ଠିକା କର୍ମଚାରୀମାନଙ୍କୁ ସର୍ବନିମ୍ନ ମଜୁରି ସହ ଇପିଏଫ୍ ଓ ଇଏସ୍ଆଇ ପ୍ରଦାନ ଆଦି ଦାବିଗୁଡ଼ିକ ପୂରଣ ପାଇଁ ସରକାରଙ୍କୁ ନିବେଦନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି ପ୍ରାରମ୍ଭିକ ଭାଷଣ ଦେଇଥିବା ବେଳେ ଉପସଭାପତି ସନ୍ତୋଷ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ରାଜ୍ୟର ୩୦ ଜିଲାରୁ କର୍ମକର୍ତ୍ତା ସମ୍ମିଳନୀରେ ଯୋଗ ଦେଇଥିଲେ।

# ବିଜେଡି ଜିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ


ଜିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ବାଲେଶ୍ୱର,୨୦।୮(ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ ପଦ୍ମାବତୀ ୱାଟର ପାର୍କ ଆଣ୍ଡ ରିସର୍ଟରେ ବିଜେଡି ଜିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ଅଶ୍ୱିନୀ କୁମାର ପାତ୍ର ଏହି ବୈଠକରେ ସଭାପତିତ୍ୱ କରିଥିଲେ। ଶକ୍ତି ମନ୍ତ୍ରୀ ତଥା ବିଜେଡି ଜିଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ ଯୋଗଦେଇ ବିଜେଡିକୁ ଜିଲାରେ ଅଧିକରୁ ଅଧିକ ସଂଗଠିତ ଓ କ୍ରିୟାଶୀଳ କରିବା ପାଇଁ ସମସ୍ତଙ୍କୁ ଏକ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ଅତାବିରା ବିଧାୟିକା ତଥା ରାଜ୍ୟ ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ, ଚାନ୍ଦବାଲି ବିଧାୟକ ତଥା ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ବ୍ୟୋମକେଶ ରାୟ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭୋଗରାଇ ବିଧାୟକ ଅନନ୍ତ ଦାସ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସୋର ବିଧାୟକ ପର୍ଶୁରାମ ଧଡ଼ା, ନୀଳଗିରି ନିର୍ବାଚନ ମଣ୍ଡଳୀ ନେତା ସନ୍ତୋଷ ଖଟୁଆ, ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲା ମହିଳା ସଭାପତି ବିନ୍ଦୁବାଳା ନନ୍ଦୀ, ସହ ପର୍ଯ୍ୟବେକ୍ଷକ ସାରଦା ଜେନା, ରଞ୍ଜିତ ମହାପାତ୍ର, ପ୍ରମୋଦ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଜିଲା ସଭାପତି ତାପସ ପରିଡ଼ା, ବିଜେଡି ଜିଲା ସମ୍ପାଦକ ମନୋଜ ରାଉତ, ବାଲେଶ୍ୱର ନିର୍ବାଚନମଣ୍ଡଳୀ ଯୁବ ସଭାପତି ସେକ ଅନସର, ଜୋନାଲ ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ତଥା ମିଡିଆ ସଂଯୋଜକ ଧିରେନ ନାୟକ, ବାଲେଶ୍ୱର ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି, ସଦର ଯୁବ ସଭାପତି ଦିଲ୍ଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱର ଟାଉନ ବିଜେଡି ସଭାପତି ସନତ ଦାସ ଧନ୍ୟବାଦ ଦେଇଥିଲେ।

# ପ୍ରାକ୍ତନ ଜିଲା ପରିଷଦ ସଭ୍ୟଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର,୨୦।୮(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା କୁସୁମୀ ବ୍ଲକ୍ ୧୧ ନଂ. ଜୋନ ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ବୈଦ୍ୟନାଥ ମହାନ୍ତ (୫୦) ଆତ୍ମହତ୍ୟା କରିଛନ୍ତି। ସେ ନିଜ ଗ୍ରାମ ବାଦାମ ପାହାଡ଼ ଥାନା ଅନ୍ତର୍ଗତ କୁମୁଡ଼ାଶୋଳ ଗ୍ରାମ ବାସଗୃହରେ ଶନିବାର ବେଳରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ପରିବାର ଲୋକେ ଦେଖି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଏକ ଅପମୃତ୍ୟୁ ମାମଲା( ନଂ. ୧୦/୨୩)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବୈଦ୍ୟନାଥ ଜେଏମଏମ ସମର୍ଥନରେ ୨୦୧୨ ରେ ଜିଲା ପରିଷଦ ଭାବେ ନିର୍ବାଚିତ ହୋଇଥିଲେ।

# ପାନୀୟ ଜଳ ଯୋଗାଣ ନ ହେଲେ ବ୍ଲକ ଅଫିସ୍‌ରେ ପଡ଼ିବ ତାଲା

## ଚେତାବନୀ ଦେଲେ ଫୁଲବାଡିଆ ଗାଁ ଲୋକେ

ମୋରଡ଼ା,୨୦।୮(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗଡିଗାଁ ପଞ୍ଚାୟତ ଫୁଲବାଡିଆ ଗ୍ରାମରେ ବସୁଧା ଯୋଜନାରେ ପାଇପ୍ ବିଛାଣ କାର୍ଯ୍ୟ ୨୦୨୧ରୁ ଶେଷ ହୋଇଥିଲେ ମଧ୍ୟ ଏଯାଏ ଗ୍ରାମରେ ଜଳ ଯୋଗାଣ ହୋଇପାରି ନାହିଁ। ଫଳରେ ଉକ୍ତ ଗ୍ରାମର ବସ୍ତି ସାହି, ସ୍କୁଲସାହି, ଉପରସାହି, ଗଡିଗାଁ ସାହିର ଲୋକେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଗ୍ରାମବାସୀ ଏନେଇ ବାରମ୍ବାର କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଶେଷରେ ଫୁଲବାଡିଆ ଗ୍ରାମବାସୀ ମୋରଡ଼ା ବିଡିଓ ଜୟକୃଷ୍ଣ ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତିନିଦିନ ମଧ୍ୟରେ ପାଣି ସମସ୍ୟାର ସମାଧାନ ନ ହେଲେ ସେମାନେ ବାଧ୍ୟହୋଇ ବ୍ଲକ ଅଫିସ୍‌ରେ ତାଲା ପକାଇବେ ବୋଲି ୱାର୍ଡମେମ୍ବର ଗୁରୁଚରଣ ମହାନ୍ତ, ମିହିର କୁମାର ମହାନ୍ତ, ରବୀନ୍ଦ୍ର ମହାନ୍ତ, ମୀନକେତନ ମହାନ୍ତ, ବାପୁନ ମହାନ୍ତ, ରାକେଶ ମହାନ୍ତ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଶ୍ୱଶୁରଘର ନିକଟରେ ଜ୍ୱାଇଁଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର,୨୦।୮(ମାନସ ମହାନ୍ତି): ମୟୂରଭଞ୍ଜ ବିଶୋଇ ଥାନା ଅନ୍ତର୍ଗତ ବୁଢ଼ାମରା ଗ୍ରାମରେ ନିଜ ଶ୍ୱଶୁର ଘର ନିକଟବର୍ତ୍ତୀ ଖଡ଼ଖାଇ ନଦୀ କୂଳ ବିଲରେଥିବା ଏକ ଗଛରେ ଫାଶୀ ଲଗାଇ ଜ୍ୱାଇଁ ଶନିବାର ଆତ୍ମହତ୍ୟା କରିଛନ୍ତି। ମୃତକ ରାଇରଙ୍ଗପୁର ଗ୍ରାମା ଅଞ୍ଚଳ ଥାନା ହାତନାଡ଼ୋ ଗ୍ରାମର ବୈଦ୍ୟନାଥ ନାରା( ୨୦)। ପୋଲିସ ପହଞ୍ଚି ମୃତଦେହ ଜବତ କରି ରବିବାର ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୩) ରୁଜୁ ହୋଇଛି।

# ଆବାସସ୍ଥଳୀ ଅଧିକାର ତାଲିମ

କେନ୍ଦୁଝର୨୦।୮(ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କରଙ୍ଗାଡିହିଠାରେ ଆରସିଡ଼ିସି ଅନୁଷ୍ଠାନ ପକ୍ଷରୁ ରବିବାର ଏକ ଦିନିକିଆ ଆବସସ୍ଥଳୀ ଅଧିକାର ତାଲିମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବରୁଣ ଦେହୁରୀଙ୍କ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦୈତାରୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଆବାସସ୍ଥଳୀ ଅଧିକାର ପାଇବାକୁ ଗ୍ରାମବାସୀମାନେ ଭଲଭାବେ ବୁଝି ଦାବି ଉପସ୍ଥାପନ କଲେ ନିଶ୍ଚିତ ଫଳ ମିଳିବ ବୋଲି ମତବ୍ୟକ୍ତ କରିଥିଲେ। ସମିତି ସଭ୍ୟ ଆଶାମଣି କାର୍ଜି, ପଞ୍ଚାୟତ ସମ୍ବଳ କର୍ମୀ ରେବତୀ ଦାଙ୍ଗୁଆ ପ୍ରମୁଖ ଯୋଗଦାନ କରିଥିଲେ। କରଙ୍ଗାଡ଼ିହି, ଅନସୁଁଆ, ଲାଞ୍ଜିପଦା ଓ ଭୂୟାଁ ବୈତରଣୀ ଗ୍ରାମର ଭୂୟାଁ ଜନଜାତିର ନେତୃସ୍ଥାନୀୟ ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ। ଜଳ ଜମି ଓ ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିବା ଗ୍ରାମବାସୀ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଆବାସସ୍ଥଳୀ ପାଇବା ପାଇଁ ଦାବି କିପରି କରିବେ, କେଉଁଭଳି ତଥ୍ୟ ଦେବେ ଏହା ଉପରେ ଆରସିଡ଼ିସିର କାର୍ଯ୍ୟକ୍ରମ ପରିଚାଳକ ଆନନ୍ଦ ସେଠୀ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ଜୁଆଙ୍ଗ ଓ ଭୂୟାଁମାନଙ୍କ ସ୍ଥାନୀୟ ସମସ୍ୟାକୁ ବିଭିନ୍ନ କାର୍ଯ୍ୟକ୍ରମରେ ବନବାସୀ ଚେତନା ମଣ୍ଡଳ ଉପସ୍ଥାପନ କରିବାକୁ ବିରବର୍ ନାୟକ ମତ ରଖିଥିଲେ। ଅଗଷ୍ଟ ଶେଷରେ ଦାବି ଗୁଡ଼ିକୁ ଉପଖଣ୍ଡସ୍ତରୀୟ କମିଟି ପାଖରେ ଦାଖଲ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ନବଘନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁଗ୍ମ ସମ୍ପାଦକ ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କଲେ ଅୟସକାନ୍ତ

## କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ


ସମର୍ଥକଙ୍କ ସହ ପ୍ରାର୍ଥିପତ୍ର ଦାଖଲ କରିବାକୁ ଯାଉଛନ୍ତି।

କେନ୍ଦୁଝର, ୨୦।୮(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘ ନିର୍ବାଚନ ପାଇଁ ସମୟ ଯେତିକି ପାଖେଇ ଆସୁଛି। ଉତ୍ସାହ ସେତିକି ବଢ଼ିବାରେ ଲାଗିଛି। ରବିବାର ପୂର୍ବାହ୍ନରେ ଶତାଧିକ ସମର୍ଥକଙ୍କ ଗହଣରେ ଯୁଗ୍ମ ସମ୍ପାଦକ ପଦ ପାଇଁ ଅୟସକାନ୍ତ ପଟ୍ଟନାୟକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରାୟ ୪୦୦ ସମର୍ଥକଙ୍କ ସହ ଏକ ଶୋଭାଯାତ୍ରାରେ କାଳୀତୀର୍ଥଠାରୁ ବାହାରି ଟ୍ରକ୍ ମାଲିକ ସଂଘକୁ ଯାଇ ସେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜିଲାର ବିଭିନ୍ନ କୋଣ ଅନୁକୋଣରୁ ସଦସ୍ୟ ତାଙ୍କସହ ସାମିଲ ହୋଇଥିଲେ। ବିଭିନ୍ନ ସମୟରେ ଟ୍ରକ୍ ମାଲିକମାନଙ୍କର ସାଧାରଣ ସମସ୍ୟାଠାରୁ ଆରମ୍ଭ କରି ଗୋଷ୍ଠୀଗତ ସମସ୍ୟାରେ ଜଡ଼ିତ ରୁହନ୍ତି। ଅତୀତରେ ଜିଲାର ଟ୍ରକମାଲିକମାନଙ୍କର ସାମୂହିକ ସ୍ୱାର୍ଥକୁ ନେଇ ଲଗାତର ଭାବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାଠାରୁ ଆରମ୍ଭ କରି ବିଭିନ୍ନ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ମୁହଁ ଖୋଲିଥିବାରୁ ତାଙ୍କ ପ୍ରତୀ ସମର୍ଥନ ଦେଖିବାକୁ ମିଳିଛି।

# କାର୍ଯ୍ୟକ୍ଷମ ହେଉନି ଗୋଷ୍ଠୀ ଶୌଚାଳୟ


ଆଗରପଡ଼ା ମୁଖ୍ୟ ବଜାରରେ ନିର୍ମିତ ଶୌଚାଳୟ।

ଆଗରପଡା,୨୦।୮(ସୁଶାନ୍ତ କୁମାର ଦାଶ)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ମୁଖ୍ୟ ବଜାରରେ ନିର୍ମାଣ ସରିଥିବା ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ ହେଉନି। ନିର୍ମାଣର ୨ ବର୍ଷ ପରେ ମଧ୍ୟ ଲୋକଙ୍କ କାମରେ ଆସୁନି। ଜିଲାର ପ୍ରମୁଖ ବଜାର ଭାବେ ପରିଚିତ ଆଗରପଡ଼ା ବଜାର ଉପରେ ଭଦ୍ରକ ସମେତ କେନ୍ଦୁଝର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଲୋକେ ନିର୍ଭର କରନ୍ତି। ଗମନାଗମନ ଓ ବ୍ୟବସାୟର ପ୍ରମୁଖ ପେଣ୍ଠସ୍ଥଳୀ ହୋଇଥିବାରୁ ଏହି ବଜାରକୁ ପ୍ରତ୍ୟେହ ହଜାର ହଜାର ଲୋକ ଆସୁଥିବା ବେଳେ ପରିମଳ ବ୍ୟବସ୍ଥା ନ ଥିଲା। ବିଶେଷ କରି ମହିଳାମାନଙ୍କ ପାଇଁ ଶୌଚାଳୟର ଅଭାବ ବଡ଼ ସମସ୍ୟା ସାଜିଥିଲା। ସ୍ଥାନୀୟ ଲୋକଙ୍କ ବାରମ୍ବାର ଦାବି ପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବଡ଼ମହିଷଗୋଠ ପଞ୍ଚାୟତ ପକ୍ଷରୁ ଏହି ବଜାରରେ ଥିବା ସରକାରୀ ଜାଗାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଉଦ୍‌ଘାଟନ ହୋଇ ନ ଥିବାରୁ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଏନେଇ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଦୀପକ କୁମାର ମହାନ୍ତି କହିଛନ୍ତି, ପାଣି ବ୍ୟବସ୍ଥା ହୋଇ ନ ଥିବାରୁ ଉକ୍ତ ଶୌଚାଳୟ କାର୍ଯ୍ୟକ୍ଷମ କରାଯାଇ ନାହିଁ। ତେବେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାଯିବ।

# ଘାଗରା ନଦୀ ବଡ଼ ପୋଲ ଅଧାପନ୍ତରିଆ

## ଶିଳାନ୍ୟାସକୁ ୪ ବର୍ଷ ବିତିଲା

ନୀଳଗିରି,୨୦।୮(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ସେରଗଡ଼, ନୀଳଗିରି, ଝରଣଘାଟି ୧୯ନଂ. ରାଜ୍ୟ ରାଜପଥର ଘାଗରା ନଦୀ ଉପରେ ନିର୍ମାଣାଧୀନ ବଡ଼ ପୋଲ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଶିଳାନ୍ୟାସକୁ ୪ ବର୍ଷ ବିତିଥିଲେ ମଧ୍ୟ ସଂଯୋଗୀକରଣ ରାସ୍ତା ହୋଇପାରୁନି। ଏଠାରେ ଥିବା ପୁରୁଣା ପୋଲଟି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ନୂତନ ପୋଲ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା ଜରୁରୀ ହୋଇପଡ଼ିଛି। ବାଲେଶ୍ୱର ଜିଲାରୁ ମୟୂରଭଞ୍ଜକୁ ସଂଯୋଗ କରୁଥିବା ଏହି ରାଜ୍ୟ ରାଜପଥ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏପରିକି ଦୈନନ୍ଦିନ ହଜାର ହଜାର ଯାନବାହନ ସମେତ ଆମ୍ବୁଲାନ୍ସ, ସ୍କୁଲ ଗାଡ଼ି ଓ ପଥଚାରୀମାନେ ଉକ୍ତ ରାସ୍ତାରେ ଯାଇଥାନ୍ତି। ବର୍ଷା ଋତୁରେ ପୁରୁଣା ପୋଲ ଉପରେ ପାଣି ନିଷ୍କାସନ ପାଇଁ ସୁବିଧା ନ ଥିବାରୁ ବାରିକେଡ୍ ଖସିପଡ଼ିଲାଣି। ପୁରୁଣା ପୋଲର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ବେଳେ ବିପଜ୍ଜନକ ଭାବେ ଲୋକେ ଯାତାୟାତ କରୁଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ଘାଗରା ନଦୀ ଉପରେ ବଡ଼ ପୋଲ ନିର୍ମାଣ ପାଇଁ ଗତ ୨୦୧୯ରେ ୩ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପୋଲର ଶିଳାନ୍ୟାସ କରିଥିଲେ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଲକ୍ଷ୍ମଣ ସିଂଙ୍କୁ ପଚାରିବାରୁ ଘାଗରା ପୋଲକୁ ସଂଯୋଗ କରୁଥିବା ରାସ୍ତାରେ କିଛି ଘରୋଇ ଜମିର ଅଧିଗ୍ରହଣ ସମାଧାନ ହୋଇଥିବା ବେଳେ ଉକ୍ତ ରାସ୍ତା ମଝିରେ କେତୋଟି ବଡ଼ ବଡ଼ ଗଛ ରହିଛି। ବନବିଭାଗ ଉକ୍ତ ଗଛଗୁଡ଼ିକ ଇଏସ୍‌ଜେଡ୍ ଜୋନ୍‌ରେ ଯାଉଛି ବୋଲି କହି କାଟିବାକୁ ଅନୁମତି ଦେଉ ନ ଥିବାରୁ ପୋଲ କାମ ସରିବାରେ ବିଳମ୍ବ ହେଉଛି ବୋଲି କହିଛନ୍ତି।


ଅଧାପନ୍ତରିଆ ଅବସ୍ଥାରେ ଥିବା ଘାଗରା ନଦୀ ବଡ଼ ପୋଲ।

## ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

ବସ୍ତା,(ହରିଶଙ୍କର ପାଢ଼ୀ): ହଳଦୀପଦା ଷ୍ଟେଶନ ନିକଟରେ ରବିବାର ଜଣେ ଯୁବକ ଟ୍ରେନ୍‌ରେ କଟି ପ୍ରାଣ ହରାଇଛନ୍ତି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ରେଳୱେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ସଂକ୍ଷେପରେ

## ପଞ୍ଚାୟତସ୍ତରୀୟ ବିଜେଡି କର୍ମକର୍ତ୍ତା ବୈଠକ

ପାଟଣା,୨୦।୮(ବୀରକିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ବିଜେଡି ପକ୍ଷରୁ ଡାଲପକା ଓ କୁଣ୍ଡଳା ପଞ୍ଚାୟତରେ ରବିବାର ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୪ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ତୃଣମୂଳସ୍ତରରୁ ଦଳକୁ ସୁଦୃଢ଼ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ୍ ବିଜେଡି ସଭାପତି ଦିଲ୍ଲୀପ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ଅନ୍ୟତମ ଅତିଥିଭାବେ ଜିଲା ବିଜେଡି କୋଡ଼ିନେଟର ତଥା କେନ୍ଦୁଝର କେସିସି ବ୍ୟାଙ୍କ ସଭାପତି କାନନ ବିହାରୀ ପୋହି, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଦୀପକ ରାଜ, ବ୍ଲକ୍ ଅଧ୍ୟକ୍ଷା ରୀନା ନାୟକ, ଉପାଧ୍ୟକ୍ଷା ଛବିରାଣୀ ସେଠୀ, ୨୯ ନଂ. ଜୋନ ଜିଲା ପରିଷଦସଦସ୍ୟ ବୁଦ୍ଧଦେବ ମହାକୁଡ଼, ୩୦ ନଂ. ଜୋନ ଜୋନ ସଦସ୍ୟା ଚମ୍ପାବତୀ ଟୁଡୁ, ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଦୀପକ ରାଜ, ଡାଲପକା ପଞ୍ଚାୟତ ସଭାପତି ଅନାଦି ମହାନ୍ତ, କୁଣ୍ଡାଳା ପଞ୍ଚାୟତ ସଭାପତି ଲାଲବାହାଦୁର ମହାନ୍ତ, ବରିଷ୍ଠ ନେତା ପ୍ରସନ୍ନ ରାଜ, କୃଷ୍ଣଚନ୍ଦ୍ର ମହାପାତ୍ର, ନାରୀନେତ୍ରୀ କିରଣ ବାଳା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ‘ମଦ ବିରୋଧୀ ଆଇନ କାର୍ଯ୍ୟକାରୀ କରାଯାଉ’

**ଭଦ୍ରକ, ୨୦।୮(ସନାତନ ରାଉତ/ରବିନାରାୟଣ ଖିଲାର):** ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ରବିବାର ଅପରାହ୍ନରେ ଭଦ୍ରକ ବାଇପାସ୍ଥିତ ଜଗନ୍ନାଥ ମନ୍ଦିରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମଦ ଓ ମାଦକ ଦ୍ରବ୍ୟର ପ୍ରସାର ପାଇଁ ରାଜ୍ୟରେ ସଡ଼କ ଦୁର୍ଘଟଣା, ନାରୀ ନିର୍ଯାତନା ବଢ଼ି ଚାଲିଛି ବୋଲି କହି ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ମଣ୍ଡଳର ସଭାପତି ଅମର କୁମାର ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ଓକିଲ ସଂଘ ସଭାପତି ନିରାକାର ଜେନା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଆଇନଜୀବୀ ଗିରିଧାରୀ ନାଥ, ଶୈଳେନ୍ଦ୍ର ପାଢ଼ୀ, ସରସ୍ୱତୀ ସେନାପତି, ରଞ୍ଜନା ମଣ୍ଡଳ, ବିଶ୍ୱ ଅଗ୍ରୱାଲ, ସୁରେନ୍ଦ୍ର ପଣ୍ଡା, ସୁଧାକର ରାଉତ, ଡା. ହରେକୃଷ୍ଣ ନାୟକ, ରୁଦ୍ର ବେହେରା, ନାରାୟଣ ପାଢ଼ୀ ପ୍ରମୁଖ ମତାମତ ରଖିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ୧୯୫୬ରେ ପାରିତ କରଥିବା ମଦ ବିରୋଧୀ ଆଇନ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଏଥିସହ ଭଦ୍ରକରୁ ଯାଉଥିବା ମେମୁ ଟ୍ରେନ୍‌ରେ ଆଦାୟ କରାଯାଉଥିବା ବର୍ଦ୍ଧିତ ଭଡ଼ା ସମସ୍ୟାର ସମାଧାନ ଆଗାମୀ ୧୫ଦିନ ମଧ୍ୟରେ କରା ନ ଗଲେ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସମ୍ପାଦକ ଗୟାଧର ପଣ୍ଡା ବିବରଣୀ ପାଠ କରଥିବା ବେଳେ ଡ. ଭାଗବତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଟ୍ରେନ୍‌ରେ କଟି ବୃଦ୍ଧଙ୍କ ମୃତ୍ୟୁ

ଢେଙ୍କିକୋଟ,୨୦।୮(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ସୁନାପେଣ୍ଠ ପଞ୍ଚାୟତ ଦଲକି ଗ୍ରାମ ଦେଇ ଯାଇଥିବା ଯାଜପୁର ବାଉଁଶପାଣି ରେଳ ଲାଇନରେ ଟ୍ରେନ୍‌ରେ କଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ସୁନାପେଣ୍ଠ ପଞ୍ଚାୟତ ବଡ଼ଶିଆଳି ଗ୍ରାମ ଦେହୁରୀ ସାହିର ଚୈତନ୍ୟ ଦେହୁରୀ (୭୦)। ଶନିବାର ସନ୍ଧ୍ୟାରେ ଘରୁ ରାଗି ଚାଲିଯାଇଥିବା ବେଳେ ରାତି ୧୦ ଟା ରେ ରେଳ ଧାରଣାରେ ତାଙ୍କର ଖଣ୍ଡ ବିଖଣ୍ଡିତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ରବିବାର ରେଲବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରେଳ ବିଭାଗୀୟ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ରୂପସା,୨୦।୮(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ଝିଙ୍କିପୁରା ଗ୍ରାମର ସାମାଜିକ କର୍ମୀ ସ୍ୱର୍ଗତ ଭାସ୍କର ଚନ୍ଦ୍ର ବେହେରାଙ୍କ ସ୍ତ୍ରୀ ଶାନ୍ତିଲତା ବେହେରା (୭୦)ଙ୍କର ପରଲୋକ ଘଟିଛି। ସେ ଜଣେ ଧର୍ମ ପରାୟଣା ଓ ପରୋପକାରୀ ମହିଳା ଥିଲେ। ପୁଅ ଅଶ୍ୱିନୀ ମୁଖାଗ୍ନି ଦେଇଥିଲେ।

# ଅତ୍ୟାଧୁନିକ ହେବ କୁଆମରା ଆଞ୍ଚଳିକ ଡାକ୍ତରଖାନା

ଗୋପବନ୍ଧୁ ନଗର, ୨୦।୮ (ଶାନ୍ତନୁ କୁମାର ମଢୁଆଳ)

■ଅନୁଧ୍ୟାନ କରି ଫେରିଲା ସ୍ୱତନ୍ତ୍ର ପ୍ରତିନିଧି ଦଳ
■ଏଠାରେ ହେବ କର୍କଟ ରୋଗୀଙ୍କ ପ୍ରାଥମିକ ଚିକିତ୍ସା


ଡାକ୍ତରଖାନା ପରିଦର୍ଶନରେ ଆସିଥିବା ପ୍ରତିନିଧି ଦଳ।

୧୨୦ବର୍ଷର ରାଜରାଜୁଡ଼ା ଅମଳରୁ ପ୍ରତିଷ୍ଠିତ ମୟୂରଭଞ୍ଜ ଜିଲା କୁଆମରା ଡାକ୍ତରଖାନା ଅତ୍ୟାଧୁନିକରଣ ହେବ। ଗୋପବନ୍ଧୁ ନଗର ବ୍ଲକର ଆରପଟା, କୁଆମରା, ପୁରୁଣା ବାରିପଦା, ସାଇଁକୁଲା, ପଶୁଦା, ଜୟପୁର ଏବଂ ବଡ଼ସାହି ବ୍ଲକର ପଟିସାରୀ ଆଦି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରିବେ। ଅତ୍ୟାଧୁନିକରଣ ପାଇଁ ୨କୋଟି ଟଙ୍କାର ନୂତନ ଗୃହ ନିର୍ମାଣ ହେବ। ଏଥିସହ ପାଚେରୀ, ଷ୍ଟାଫ କ୍ୱାର୍ଟର୍ସ, ମୁଖ୍ୟ ଫାଟକ ମଧ୍ୟ ନିର୍ମାଣ ହେବ। ରୋଗୀଙ୍କ ଶଯ୍ୟା ବଢ଼ିବା ସହ ଡାକ୍ତର ଓ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇବ। ତେବେ କର୍କଟ ରୋଗର ଚିକିତ୍ସା ନିମନ୍ତେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ୨୦୨୪ ଜୁଲାଇ ସୁଦ୍ଧା ଡାକ୍ତରଖାନା କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ବେଳେ ଏହାର ପ୍ରମୁଖ ଶାଖା ଭାବେ କୁଆମରା ଡାକ୍ତରଖାନାକୁ ନିଆଯାଇଛି। ଏଥିପାଇଁ ଏଠାରେ ଜଣେ ସ୍ୱତନ୍ତ୍ର ଡାକ୍ତରଙ୍କୁ ନିଯୁକ୍ତି ମିଳିବ। ଏଠାରେ କର୍କଟ ରୋଗର ପରୀକ୍ଷା ନିରୀକ୍ଷା କରାଯାଇ ପ୍ରାଥମିକ ଚିକିତ୍ସା ପରେ ରୋଗୀଙ୍କୁ ବାରିପଦା ପଠାଯିବ ବୋଲି କୁହାଯାଇଛି। ତେବେ କର୍କଟ ରୋଗୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯିବାକୁ ବ୍ୟାପକ ବ୍ୟବସ୍ଥା କରାଯିବ। ଏଥିପାଇଁ ଅଙ୍ଗନୱାଡି କର୍ମୀ, ଆଶା ଓ ସ୍ୱାସ୍ଥ୍ୟ କର୍ମୀମାନେ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବେ। ଫଳରେ ଜନସାଧାରଣଙ୍କୁ ଆଉ ଦୂରକୁ କିମ୍ବା ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏନେଇ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମିଳିତ ସ୍ୱତନ୍ତ୍ର ପ୍ରତିନିଧି ଦଳ ରବିବାର ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

ଭାବା ଆଣବିକ କେନ୍ଦ୍ରର ନିର୍ଦ୍ଦେଶକ ତଥା ଭାରତୀୟ ପରମାଣୁ ବିଭାଗର ମୁଖ୍ୟ ସଚିବ ମୟୂରଭଞ୍ଜ ମାଟିର ସନ୍ତାନ ଡ. ଅଜିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ପ୍ରତିନିଧି ଦଳରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଡ. ସୁଶାନ୍ତ ସ୍ୱାଇଁ, ମୁମ୍ବାଇ ଟାଟା ମେମୋରିଆଲ ହସ୍‌ପିଟାଲର ଉପନିର୍ଦ୍ଦେଶକ ଡା. ପଙ୍କଜ ଚତୁର୍ବେଦୀ, ପ୍ରଫେସର ଡ. ଲିଙ୍ଗରାଜ ନାୟକ, ଡ. ଅତୁଲ ବୁଦଖ, ଡ. ସୁବର୍ଣ୍ଣ ଗୋରେ, ବାରଣାସୀସ୍ଥିତ ହୋମି ଭାବା କ୍ୟାନ୍‌ସର ହସ୍ପିଟାଲର ନିର୍ଦ୍ଦେଶକ ଡା. ସତ୍ୟଜିତ ପ୍ରଧାନ ପ୍ରମୁଖ ଅନୁଧ୍ୟାନ କରିଥିଲେ। ଡାକ୍ତରଖାନାର ଭିତ୍ତିଭୂମି ଓ ପାରିପାର୍ଶ୍ୱିକ ଅବସ୍ଥାକୁ କିପରି ସୁଧାରି ହେବ ସେନେଇ ଖୁଣ୍ଟା ଓ କୁଆମରା ମେଡିକାଲ କର୍ମଚାରୀଙ୍କ ସହ ୪୫ ମିନିଟ୍ ଧରି ଆଲୋଚନା କରିଥିଲେ। ବିପିଏମ୍ ଅନୁଭବ ପଟ୍ଟନାୟକ, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଡା. ସତ୍ୟଜିତ ଦାସ, ଫାର୍ମାସିଷ୍ଟ ପ୍ରତାପ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ତମୋଜିତ୍


@ନୀଳମାଧବ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ମହିଳାଙ୍କୁ ଅସଦାଚରଣ ନେଇ କଙ୍ଗାରୁ କୋର୍ଟ

ଆନନ୍ଦପୁର,୨୦।୮(ସନ୍ତୋଷ ରାଉତ)

### ବନ୍ଧା ହୋଇଥିବା ଯୁବକଙ୍କୁ ଗିରଫ କଲା ପୋଲିସ


ବିଦ୍ୟୁତ୍ ଖୁଣ୍ଟରେ ବନ୍ଧା ହୋଇଥିବା ଯୁବକ।

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ବିରବଲ ନିକଟରେ ମହିଳାଙ୍କୁ ଅସଦାଚରଣକୁ ନେଇ କଙ୍ଗାରୁ କୋର୍ଟ ହୋଇଥିବା ଅଭିଯୋଗ ହୋଇଛି। ବିରବଲ ଅଞ୍ଚଳର ଜନୈକ ଯୁବକଙ୍କୁ ବାନ୍ଧି ମାଡ଼ ମାରିଥିଲେ। ଏ ନେଇ ପୀଡ଼ିତଙ୍କ ମା' ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଓଲଟା ବନ୍ଧା ହୋଇଥିବା ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯୁବକଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଅଭିଯୋଗକୁ ପୋଲିସ ପଞ୍ଜିକୃତ କରି ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଶନିବାର ସକାଳ ସମୟରେ ବାଙ୍ଗିଡି ଗ୍ରାମର ଭାନୁମତି ଜେନାଙ୍କ ପୁଅ ଶ୍ରୀତମ ଜେନାଙ୍କୁ ବିରବଲ ଗ୍ରାମର କିଛି ଯୁବକ ଖୁଣ୍ଟିରେ ବାନ୍ଧି ମାଡ଼ ମାରୁଥିଲେ। ଭାନୁମତି ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପୁଅକୁ ଛାଡ଼ି ଦେବାକୁ ନେହୁରା ହୋଇଥିଲେ। ଶ୍ରୀତମଙ୍କୁ ଛାଡ଼ିବା ବଦଳରେ ଯୁବକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଘଟଣାକୁ ନେଇ ଭାନୁମତି ଥାନାରେ କରିଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ପୋଲିସ ଶ୍ରୀତମଙ୍କୁ ଉଦ୍ଧାର କରିଥିଲା। ମାତ୍ର ବାନ୍ଧି ମାଡ଼ ମାରୁଥିବା ଯୁବକଙ୍କୁ ଛାଡ଼ି ଶ୍ରୀତମଙ୍କୁ କୋର୍ଟଚାଲାଣ କରିଛି। ଶ୍ରୀତମଙ୍କ ମାଆ ଦେଇଥିବା ଅଭିଯୋଗକୁ ପୋଲିସ ପଞ୍ଜିକୃତ କରି ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ଥାନା ଅଧିକାରିଣୀ ଦେବକୀ ନାଇକ କହିଛନ୍ତି, ବିରବଲ ଗ୍ରାମର ଜନୈକ ମହିଳା ଜମିକୁ ଚାଷ କାର୍ଯ୍ୟ ଦେଖିବାକୁ ଆସିଥିବା ସମୟରେ ଶ୍ରୀତମ ତାଙ୍କୁ ଅସଦାଚରଣ କରିଥିଲେ। ବିରବଲ ଗ୍ରାମର ଲୋକେ ଘଟଣା ଜାଣି ଶ୍ରୀତମଙ୍କୁ ଖୁଣ୍ଟିରେ ବାନ୍ଧି ମାଡ଼ ମାରିଥିଲେ। ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଶ୍ରୀତମଙ୍କୁ ଗିରଫ କରାଯାଇଛି। ଶ୍ରୀତମଙ୍କ ମାଆ ଦେଇଥିବା ଅଭିଯୋଗର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ। ମହିଳାଙ୍କ ଅଭିଯୋଗକୁ ଆଧାର କରି ମାମଲା (ନଂ.୧୮୧/୨୩)ରେ ଓ ଶ୍ରୀତମଙ୍କ ମାଆଙ୍କ ଅଭିଯୋଗକୁ ଆଧାର କରି ମାମଲା (ନଂ.୧୮୪/୨୩)ରେ ରୁଜୁ କରାଯାଇଛି। ଶ୍ରୀତମଙ୍କୁ ବାଙ୍ଗିଡି ଛକ ନିକଟରୁ କିଛି ଯୁବକ ସଂଘବଦ୍ଧ ଭାବେ ଟେକିନେବା ଓ ମାଡ଼ ମାରିଥିବା କଥା ବାପା କାଳିଆ ଜେନା କହିଛନ୍ତି। ଘଟଣାର ବିଚାର ନକରି ପୋଲିସ ପୁଅକୁ ଗିରଫ କରି କୋର୍ଟଚାଲାଣ କରିବାକୁ ନେଇ ଆଇନ ବ୍ୟବସ୍ଥାର ଅଜବ ନୀତିକୁ ସମାଲୋଚନା କରିଛନ୍ତି।

## କେନାଲରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

ବନ୍ତ,୨୦।୮(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ହାଟଡିହୀ ଶାଖା କେନାଲର ଜଗନ୍ନାଥପୁର ଫଳଠାରେ ରବିବାର ସକାଳେ ଭାସୁଥିବା ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ବନ୍ତ ଥାନା ଅଧୀନ ପଧାନପଡ଼ା ଆଦିବାସୀ ସାହିର ରଙ୍ଗାଧର ମୁଣ୍ଡା(୨୪)। ୪ ଦିନ ତଳୁ ରଙ୍ଗାଧର ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକେ ବିଲକୁ ଚାଷ କାମ ପାଇଁ ଯାଉଥିବା ବେଳେ କେନାଲରେ ମୃତଦେହ ଭାସୁଥିବା ଦେଖିଥିଲେ। ଆଦିବାସୀ ସାହିର ଲୋକେ ସେଠାରେ ପହଞ୍ଚି ପାଣିରୁ ଯୁବକଙ୍କ ମୃତଦେହ ବାହାର କରିଥିଲେ। ଏନେଇ ରଙ୍ଗାଧରଙ୍କ ପତ୍ନୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରିଥିଲା। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ରଙ୍ଗାଧରଙ୍କ ମୃତ୍ୟୁରେ ସ୍ତ୍ରୀ ଓ ଏକମାତ୍ର ପୁଅ ବେସାହାରା ହୋଇପଡ଼ିଛନ୍ତି।

## ‘୨୦୨୩ ଶେଷ ସୁଦ୍ଧା ୫୦୦ ଚାରାରୋପଣ’


କଲେଇ ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ।

ଭଦ୍ରକ, ୨୦।୮ (ରବିନାରାୟଣ ଖିଲାର) ବୃକ୍ଷ ହିଁ ଜୀବନ। ଆମ ପରିବେଶକୁ ସୁସ୍ଥ ରଖିବାକୁ ହେଲେ ବୃକ୍ଷରୋପଣ ଅତ୍ୟନ୍ତ ଜରୁରୀ ବୋଲି ଭଦ୍ରକ ବ୍ଲକ କଲେଇ ପଞ୍ଚାୟତର ବରିଷ୍ଠ ନାଗରିକ ମଞ୍ଚ ରବିବାର ସ୍ଥାନୀୟ ଚୁନିଦାଠାରେ ଚାରାରୋପଣ ଅବସରରେ କୁହାଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ଜଗନ୍ନାଥ ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରବିବାରଠାରୁ ଚାରାରାପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ୨୦୨୩ ଶେଷ ସୁଦ୍ଧା ୫୦୦ ଚାରାରୋପଣ କରାଯିବ ବୋଲି ସଭାପତି ରାୟ କହିଛନ୍ତି। ନିତ୍ୟାନନ୍ଦ ବେହେରା, ବାଇଧର ବେହେରା, ସନାତନ ମହାକୁଡ଼, ପଞ୍ଚାନନ ସାହୁ, ବଂଶୀଧର ସାହୁ, କିରଣ କୁମାର ଜେନା, ଗୌରୀ କୁମାର ଜେନା, ଗଜେନ୍ଦ୍ର ପରିଡ଼ା, ବାବୁରାମ ମଲିକ, ନିତ୍ୟାନନ୍ଦ ମଲିକ, ମାଗୁଣି ମଲିକ, ନରସିଂହ ଚରଣ ନାୟକ, ଅଭିରାମ ବେହେରା, ରଙ୍କ ଜେନା, ପ୍ରସନ୍ନ ପ୍ରଧାନ, ଜଗନ୍ନାଥ ଜେନା, ନିତ୍ୟାନନ୍ଦ ପାଣି ପ୍ରମୁଖ ଯୋଗ ଦେଇଥିଲେ।

# ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇଲେ ଡାକ୍ତର


ଶିବିରରେ ବିଭିନ୍ନ ରୁମ୍‌ରେ ରୋଗୀଙ୍କ ଚିକିତ୍ସା କରାଯାଉଛି।

ଧାମନଗର,୨୦।୮(ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର)- ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଧୀନ ଆଦର୍ଶ ବିଦ୍ୟାଳୟ ପରିସରରେ ଧୁଷୁରୀ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟ ଏବଂ ତିହିଡ଼ି ବ୍ଲକର ଡା. ସଞ୍ଜୟ କୁମାର ଦାସଙ୍କ ସଂଯୋଜନାରେ ରବିବାର ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ଜେନା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଭାରତୀ ରାଉତ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି ଶିବିର କରି ଲୋକଙ୍କୁ ମାଗଣାରେ ଚିକିତ୍ସା ସହ ଔଷଧ ଯୋଗାଇଦେବା ଡା. ଦାସଙ୍କ ଏକ ବଡ଼ ପ୍ରୟାସ ବୋଲି କହିଥିଲେ। ୧୬ ବିଭାଗର ଡାକ୍ତର ଭୁବନେଶ୍ୱର, କଟକ ଓ ବାଲେଶ୍ୱରରୁ ଆସି ରୋଗୀମାନଙ୍କୁ ଚିକିତ୍ସା କରିଥିଲେ। ଏଥିସହ ଔଷଧ ବିତରଣ କରାଯାଇଥିଲା। ୧୦ ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି।

ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ତିହିଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ପ୍ରତାପ ସାମଲ, ଏମ୍‌ପି ପ୍ରତିନିଧି ହରେକୃଷ୍ଣ ପାଢ଼ୀ, ଜିଲା ପରିଷଦ ସଦସ୍ୟା ବିଦ୍ୟୁତଲତା ନାୟକ, ବିଜେଡି ବ୍ଲକ ସଭାପତି ଉମେଶ ମହାନ୍ତି, ନଗର ସଭାପତି ସୁଶାନ୍ତ ରାଉତ, ଏନ୍‌ଏସି ଉପାଧ୍ୟକ୍ଷ ୱାସିମ ଏଜଦାନି କାଦ୍ରି ପ୍ରମୁଖ ଯୋଗ ଦେଇଥିଲେ।

## ୨୪ରୁ ଜଳେଶ୍ୱର-ପୁରୀ ମେମୁ ଚଳାଚଳ ବନ୍ଦ

**ଜଳେଶ୍ୱର,୨୦।୮(ରବିନାରାୟଣ ପାତ୍ର):** ଖୋର୍ଦ୍ଧା ଡିଭିଜନର ୩ନଂ. ରେଳଧାରଣା ନିର୍ମାଣ ଚାଲୁ ରହିଥିବାରୁ ରେଳୱେ କର୍ତ୍ତୃପକ୍ଷ ୧୧ଯୋଡ଼ା ଟ୍ରେନ୍ ଚଳାଚଳ ବାତିଲ କରିଛନ୍ତି। ଫଳରେ ଜଳେଶ୍ୱରରୁ ପୁରୀ ଯାଉଥିବା ମେମୁ ଟ୍ରେନ୍ ଓ ଖଡଗପୁର-ଖୋର୍ଦ୍ଧା ଫାଷ୍ଟ ପାସେଞ୍ଜର ଆସନ୍ତା ୨୪ରୁ ୩୦ ଯାଏ ଚଳାଚଳ ବନ୍ଦ ରହିବ। ଏହି ଟ୍ରେନ୍‌କୁ ଜଳେଶ୍ୱରରୁ ବାଲେଶ୍ୱର ଯାଏ ଚଲାଇବା ପାଇଁ ରବିବାର ଜଳେଶ୍ୱର ରେଳ ୟୁଜର୍ସ କମିଟିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାତ୍ର ଦକ୍ଷିଣପୂର୍ବ ରେଳପଥର ସିନିୟର ଡିଭିଜନାଲ ଅପରେଟିଂ ମ୍ୟାନେଜରଙ୍କୁ ଲିଖିତଭାବେ ଜଣାଇଛନ୍ତି। ତେଣୁ ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ଜଳେଶ୍ୱର-ପୁରୀ ମେମୁ ଟ୍ରେନ୍‌କୁ ବାଲେଶ୍ୱର ପର୍ଯ୍ୟନ୍ତ ଚଲାଇବାକୁ ସାଧାରଣରେ ଦାବି ହୋଇଛି।

## କେନ୍ଦୁଝରରେ ଟ୍ରମାକେୟାର ୟୁନିଟ୍ ପ୍ରତିଷ୍ଠା ଦାବି

କେନ୍ଦୁଝର,୨୦।୮(ଦୀପକ ମିଶ୍ର)

କେନ୍ଦୁଝର ଜିଲା ମଧ୍ୟରେ ଜାତୀୟ ରାଜପଥ ୨୦ ଏବଂ ୪୯ ଅତିକ୍ରମ କରିଛି। ଦୁଇ ରାଜପଥ ବ୍ୟତୀତ ଜିଲା ମଧ୍ୟରେ ଥିବା ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଜନ ଏବଂ ବ୍ଲକ୍ ରାସ୍ତାରେ ମଧ୍ୟ ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଦୁର୍ଘଟଣାରେ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନା ନେବା ବାଟରେ ଅନେକଙ୍କର ମୃତ୍ୟୁ ଘଟୁଛି। ଗୁରୁତରଙ୍କୁ ତୁରନ୍ତ ଆଶୁ ଚିକିତ୍ସା ଯୋଗାଇବା ପାଇଁ କେନ୍ଦୁଝରଠାରେ ଟ୍ରମାକେୟାର ୟୁନିଟ ପ୍ରତିଷ୍ଠା କରିବାକୁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଏହା ଉପରେ ଗୁରୁତ୍ୱ ଦେଇ ଟ୍ରମାକେୟାର ପ୍ରତିଷ୍ଠା କରିବାକୁ ସଦର ବିଧାୟକ ମୋହନ ଚରଣ ମାଝୀ ଦାବି କରିଛନ୍ତି।

ସୁପ୍ରିମକୋର୍ଟ ଦୁର୍ଘଟଣାର ହାର ରୋକି ୨୦ ପ୍ରତିଶତ କମାଇବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା କେନ୍ଦୁଝରରେ ଦୁର୍ଘଟଣା କମିବା ବଦଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଦୁର୍ଘଟଣାଜନିତ ମୃତ୍ୟୁ ରୋକିବା ପାଇଁ ଟ୍ରମାକେୟାର ୟୁନିଟ ଜାତୀୟ ରାଜପଥ ପାର୍ଶ୍ୱରେ ଖୋଲାଯିବା ପାଇଁ ପ୍ରସ୍ତାବ ରହିଥିଲେ ମଧ୍ୟ କେବେ ୟୁନିଟ ଖୋଲିବ ତାହା ଏବେ ମଧ୍ୟ ପ୍ରଶ୍ନବାଚୀ ହୋଇରହିଛି। ଖଣି ଓ ଶିଳ୍ପବହୁଳ ଜିଲାରେ ଯାନବାହନ ଚଳାଚଳ ବୃଦ୍ଧି ପାଉଥିବାବେଳେ ଖଣି ସଂଯୋଗ ରାସ୍ତାରେ ଅଧିକ ଦୁର୍ଘଟଣା ଘଟୁଛି। ଖଣିଜ ପରିବହନ ପାଇଁ ଯୋଡା ବ୍ଲକ୍‌ର ଅନେକ ଆଭ୍ୟନ୍ତରୀଣ ରାସ୍ତାରେ ସାଧାରଣ ଲୋକ ରାସ୍ତା ଜାମ ଯୋଗୁ ମଧ୍ୟ ଅଯଥା ଟ୍ରାଫିକରେ ଫସି ରହୁଛନ୍ତି। ଏହିସବୁ ଅଞ୍ଚଳରେ ଅନେକ ଦୁର୍ଘଟଣା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏହାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଦୁର୍ଘଟଣା ପ୍ରବଣ ଜିଲାରେ ଅନ୍ତତଃପକ୍ଷେ ୨ଟି ଟ୍ରମାକେୟାର ୟୁନିଟ୍ ଖୋଲିବାକୁ ଦାବି ହୋଇଛି।

# ଆନ୍ଦୋଳନ ଚେତାବନୀ ଦେଲା କଂଗ୍ରେସ

ରୂପସା,୨୦।୮(ବାଞ୍ଛାନିଧି ଦେ)

### ପଞ୍ଚାୟତ କାର୍ଯ୍ୟାଳୟ ଫଳକ ଭାଙ୍ଗିବା ଘଟଣା



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ବାସୁଚକୁରାଇ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟନ ସମୟରେ ଲାଗିଥିବା ଫଳକକୁ ବର୍ତ୍ତମାନର ସରପଞ୍ଚ, ସମିତି ସଭ୍ୟ ଓ ସମର୍ଥକମାନେ ଭାଙ୍ଗି ଦେଇଥିବା କଂଗ୍ରେସ ଅଭିଯୋଗ କରିବା ସହ ତୀବ୍ର ନିନ୍ଦା କରିଛି। ଶାସକ ଦଳର ଏହା ଏକ ହୀନ ରାଜନୈତିକ ଚିନ୍ତାଧାରା ବୋଲି ବାହାର୍ଦ୍ଦା ଡାକ ବଙ୍ଗଳାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରିଛନ୍ତି।

ଏଥିସହ ଅଧିକାଂଶ ସମୟରେ ରାତି ୧୨ଟା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟ ଖୋଲା ରଖି ସରକାରୀ ଦଳର ସରପଞ୍ଚ ଓ ସେମାନଙ୍କ ସମର୍ଥକମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟକୁ ପ୍ରଶ୍ରୟ ଦେଉଛନ୍ତି। ଏହା ସରକାରୀ ନିୟମକୁ ଉଲ୍ଲଂଘନ କରୁଛି। ଉକ୍ତ ଫଳକରେ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦାସ, ପୂର୍ବତନ ସମିତିସଭ୍ୟ ଶମ୍ଭୁନାଥ ସିଂଙ୍କ ସମେତ ସେତେବେଳର ବିଡ଼ିଓ କୁକୁମିନା ଦାସ, ସେତେବେଳର ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ ଓ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ନାମ ଉଲ୍ଲେଖ ଥିଲା। ଉକ୍ତ ଫଳକକୁ ଭାଙ୍ଗି ଦେବା ଏକ ନୀନ୍ଦନୀୟ ଘଟଣା ବୋଲି ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡ଼ିଓ ସତ୍ୟଜିତ୍ ମହାନ୍ତି ଓ ଆଇଆଇସି ଗୋବିନ୍ଦ ବେହେରାଙ୍କୁ ଲିଖିତ ଭାବେ ଜଣାଯାଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ନ ହେଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦାସ, ପୂର୍ବତନ ସମିତିସଭ୍ୟ ଶମ୍ଭୁନାଥ ସିଂଙ୍କ ସମେତ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା, ଜିଲା କଂଗ୍ରେସ କିଶାନ ସଭାପତି ଜୟନ୍ତ କୁମାର ମହାପାତ୍ର, ବ୍ଲକ କଂଗ୍ରେସ ଉପ-ସଭାପତି ନରେନ୍ଦ୍ର ଦାସ, ମାୟାଧର ବେହେରା, ଜୟନାରାୟଣ ଦାସ, ମଦନ ଭକ୍ତା, ଅରୁଣ ମଣ୍ଡଳ, ଚନ୍ଦନ ନାୟକ, ଶମ୍ଭୁ ନାଥ ଚଣ୍ଡ, ଅକ୍ଷୟ ଦେ, ରାଜେଶ ମୁଦୁଲି, ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

